


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୨୦୪ ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ୍ ୧୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.204 Bhubaneswar, Friday, April 11, 2025





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସାର ଓ ରସାୟନ ମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ)
## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର
## ନୂଆ ଏକକ କାର୍ଡ଼ ବିତରଣ
## ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

### ମୁଖ୍ୟ ଅତିଥି

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ


**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

୧୧ ଏପ୍ରିଲ୍ ୨୦୨୫ | ଅପରାହ୍ନ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ

DSPL-24 OIPR- 10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଜରଡ଼ା ତାଲୁକା ଶବର ସମାଜର ସାଂଗଠନିକ ସଭା ଅନୁଷ୍ଠିତ

ପାତ୍ରପୁର ୧୦/୪(ନି.ପ୍ର): ପାତ୍ରପୁର ବ୍ଲକ ଜରଡା ତାଲୁକା ତାଳପଦର ରାଣୀ ଆମ୍ବ ଠାରେ ଜରଡ଼ା ତାଲୁକା ଶବର ସମାଜ ପକ୍ଷରୁ ସାଂଗଠନିକ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମାଧବ ଶବର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଦାନନ୍ଦ ଶବର ବିବରଣୀ ପଠନ କରିଥିଲେ। ସାମ୍ବାଦିକ ମାଧବ ବାଡତ୍ୟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପ ସଭାପତି ଧୋବା ନାୟକ , ସହ ସମ୍ପାଦକ ମାଧବ ଶବର, କୋଷାଧ୍ୟକ୍ଷ ସିମାଞ୍ଚଳ ଶବର ଉପଦେଷ୍ଟା ପୁରୁଷୋତ୍ତମ ଦଳେଇ, ବିଶ୍ୱନାଥ ପ୍ରଧାନ ଓ ଖଲି ଶବର ପ୍ରମୁଖ ମଞ୍ଚାସିନ ରହି ଅଭିଭାଷଣ ପ୍ରଦାନ କରିଥିଲେ। ୩୦ ଟି ଗ୍ରାମର ମେମ୍ବର ମାନେ ସମାଜ ଗଠନ



ସମ୍ପର୍କରେ ମତ ରଖିଥିବା ବେଳେ ସଂଘ ପଞ୍ଜିକରଣ କରିବା ଓ ସଂଘ କାର୍ଯ୍ୟାଳୟ ନିରୂପଣ କରିବା ଭଳି ବହୁ ସାଂଗଠନିକ ଆଲୋଚନା ହୋଇଥିଲା। ତାଳ ପଦର ଗ୍ରାମର ସଭ୍ୟସଭ୍ୟା ମାନେ କାର୍ଯକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଡ଼େନିଗଡ଼ ରେ ଶେଷ ହେଲା ଭାଇଚାରାର ପର୍ବ ପଞ୍ଚୁଦୋଳ ଯାତ୍ରା
## ରାଧାକୃଷ୍ଣଙ୍କ ଲୀଳା ବର୍ଣ୍ଣନା ଓ ଭକ୍ତପ୍ରହ୍ଲାଦ ନୃତ୍ୟଗୀତ ମନମୋହିଲା


ବୌଦ୍ଧ ୧୦/୪(ନି.ପ୍ର): ଦିନେ କି ଦୁଇଦିନ ନୁହେଁ ପାଞ୍ଚ ଦିନ ଧରି ଅର୍ଣ୍ଣ ଯଜ୍ଞ, ଘୃତ ଯଜ୍ଞ, ସହିତ ୨୪ ପ୍ରହର ନାମ ଯଜ୍ଞରେ ମହାମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଆଡ଼େନିଗଡ଼ କୁଞ୍ଜ ମଣ୍ଡପ। ମନ୍ଦିରରୁ ବାହାରି ୫ ଦିନ ଧରି କୁଞ୍ଜ ମଣ୍ଡପରେ ରହି ଭକ୍ତଙ୍କୁ ଦର୍ଶନ ଦେଉଥିଲେ ରାଧାକୃଷ୍ଣ । ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ନାଟକ ସହିତ ଦର୍ଶନ ପାଇଁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା । ଗ୍ରାମବାସୀଙ୍କ ନିଷ୍ଠାକାଷ୍ଠା ସହିତ ସମସ୍ତ ରିତିକାନ୍ତିକୁ ପାଳନ କରି ପବିର୍ତ ଦୋଳ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିବା ପଂଚୁଦୋଳ ଯାତ୍ରା ଉଦଯାପିତ ହୋଇଯାଇଛି । ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ଗ୍ରାମପଂଚାୟତ ସଦର ମହକୁମାରେ ଦୀର୍ଘ ୭୪ ବର୍ଷ ଧରି ପାଳନ ହୋଇ ଆସୁଛି ଏହି ଦୋଳପୂର୍ଣ୍ଣିମା ଯାତ୍ରା । ପ୍ରଥମ ଦିନ ଅର୍ଥାତ ଅଧିବାସ ଦିନ କଳସ ଶୋଭାଯାତ୍ରା ମହିଳାମାନଙ୍କ ଦ୍ୱାରା ହେବା ସହିତ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ରାଧାକୃଷ୍ଣ ଜିଉଙ୍କୁ ସୁସଜ୍ଜିତ ରଥରେ ବିରାଜିତ କରି ନଗର ପରିକ୍ରମା କରି କୁଞ୍ଜ ମଣ୍ଡପକୁ ଅଣାଯାଇଥିଲା । ମଣ୍ଡପରେ ହଜାରହଜାର ଭକ୍ତ ଦର୍ଶନ କରିଥିଲେ । ୪୦ ରୁ ଉର୍ଦ୍ଧ ମହିଳା ଓ ପୁରୁଷ ନାମ ସଙ୍କିର୍ତନ ଦଳ ଯୋଗଦେଇ ନାମ ଯଜ୍ଞରେ ଭାଗନେଇଥିବା ବେଳେ ମହାମନ୍ତ୍ର ଧ୍ୱନି ପ୍ରକମ୍ପିତ ହୋଇ ଉଠିଥିଲା କୁଞ୍ଜ ମଣ୍ଡପ । ୫ ଦିନ ଧରି ଗ୍ରାମରେ ସମସ୍ତଙ୍କ ମନରେ ଅଧାତ୍ମିକ ପରିବେଶ ସୃଷ୍ଟି କରିଥାଏ । ଏହାପରେ ଦଧି ହାଣ୍ଡି ସହିତ ଠାକୁରଙ୍କୁ ଗାଁ କୁ ଗାଁ ପରିକ୍ରମା କରାଯାଇ ମନ୍ଦିରକୁ ଫେରି ଯାଇଥାନ୍ତି । କାହିଁ କେଉଁ କାଳରୁ ଏହି ଯାତ୍ରା ହୋଇଆସୁଥିବା ବେଳେ ଏହା ମଧ କୃଷିଭିତିକ ଗଣପର୍ବ ଏବଂ ଭାଇଚାରାର ପର୍ବ ବୋଲି କହନ୍ତି ଗ୍ରାମବାସୀ । ଆଜକୁ ୭୪ ବର୍ଷ ରୁ ଅଧିକ ବର୍ଷ ହେବ ପଂଚୁଦୋଳ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବାବେଳେ ଏହା ଦ୍ୱାରା ପଂଚାୟତରେ ଭଲ ଫସଲ ଅମଳ ହେବା ସହିତ ଗ୍ରାମକୁ କୌଣସି ବିପଦ ଆସିନଥାଏ ବୋଲି ବିଶ୍ୱାସ ରହିଥିବା ନେଇ ଗ୍ରାମବାସୀ କହିଛନ୍ତି । ଏହା ଏକ ଆଦିବାସୀ ଅଚଂଳ ହୋଇଥିବାରୁ ପୁର୍ବଜମାନେ ଝାଗିଡି ଯାତ୍ରାକରି ପଶୁ ବଳି ଦେଉଥିଲେ । ପରେପରେ ଏଠାକାର ଲୋକେ ସଚେତନ ହୋଇ ପଶୁବଳୀ ପ୍ରଥାକୁ ଭୁଲି ପଂଚୁଦୋଳ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଉଛି ବୋଲି ସମୀକ୍ଷକମାନେ କହିଛନ୍ତି । ଏହିଦିନରେ ଲୋକେ ନିଜନିଜ ଭିତରେ ଫଗୁ ବୋଳିବୋଳ ହୋଇଥାନ୍ତି । ଦଧିହାଣ୍ଡି



ଭାଙ୍ଗିବା ସମୟରେ ଦଧିହାଣ୍ଡିରୁ ଖଣ୍ଡିଏ ଅଂଶ ପାଇବା ପାଇ ସମସ୍ତେ ଅପେକ୍ଷା କରିଥାନ୍ତି । ଏହି ହାଣ୍ଡି ଘରେ ରଖିଲେ କୌଣସି ରୋଗ ଆସେନି ବୋଲି ବିଶ୍ୱାସ କରନ୍ତି । ଯାତ୍ରାରେ ମିନାବଜାର ସହ ବିଭିନ୍ନ ଖାଦ୍ୟ ଷ୍ଟଲ ପଡିଥିବାବେଳେ ଝିଲମିଲ ଲାଇଟ ଓ ସାଜସଜା ଯୋଗୁଁ ଯାତ୍ରା ଆହୁରି ଆକର୍ଷଣ ହୋଇପଡିଛି । କିଣାବିକା ପାଇଁ ମଧ ହଜାରହଜାର ଲୋକଙ୍କ ସମାଗମ ହୋଇଥାଏ । ଯାତ୍ରାକମିଟି ପକ୍ଷରୁ ମନୋରଂନ ପାଇଁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଏ । ଚଳିତ ବର୍ଷ ଲୋପା ପାଇଯାଇଥିବା କନ୍ଧମାଳଜିଲାର ବହୁ ପ୍ରସିଦ୍ଧ ପଟା ନାଚ ତଥା ହିରନ୍ୟ ପ୍ରହଲ୍ଲାଦ ନାଟକ ଅନୁଷ୍ଠିତ ହୋଇଥିଲା । ଭଗବାନ ଓ ଭକ୍ତ କୁ ନେଇ ଏହି ନାଟକ ବେଶ ଲୋକପ୍ରିୟ ହୋଇ ପାରିଛି । ଗ୍ରାମରେ ହୋଲି ଦିନ ବ୍ୟତୀତ ଏଠାରେ ତିନିଦିନ ଧରି ପରସ୍ପର ମଧ୍ୟରେ ଫଗୁଣର ଅବିର ଫଗୁ ବୋଳି ନିଜନିଜ ଭିତରେ ଥିବା ଏକତାର ପରିଚୟ ଦେଇଥାନ୍ତି । ଏହି ପଞ୍ଚୁଦୋଳ ପର୍ବ ପଂଚାୟତ ବାସୀଙ୍କୁ ଗୋଟିଏ ସୁତାରେ ବାନ୍ଧି ରଖିପାରିଥିବା ବେଳେ ଯିଏ ଯେତେ ଦୂରରେ ଥିଲେ ମଧ ପଞ୍ଚୁଦୋଳ ର ଅବିର ସାଙ୍ଗକୁ ଭଗବାନଙ୍କ ଦର୍ଶନ ପାଇଁ ଗାଁ କୁ ଧାଇଁ ଆସନ୍ତି ନିଜ ବନ୍ଧୁ ବାନ୍ଧବ, ପ୍ରିୟଜନ ସାଥି ବୋଲି ଗ୍ରାମବାସୀ କହିଛନ୍ତି ।

# ୪ ମାସ ହୋଇଗଲା ବିକଳାଙ୍ଗଙ୍କୁ ମିଳିଲା ନାହିଁ ଭତ୍ତା
## ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ ହିତାଧିକାରୀ

ବୌଦ୍ଧ୧୦/୪(ନି.ପ୍ର):ମାସେ କି ଦୁଇ ମାସ ନୁହେଁ ପୁରା ଚାରିମାସ ହୋଇଗଲା ଭତ୍ତା ପାଉନାହାନ୍ତି ବିକଳାଙ୍ଗ । ଏଭଳି ସମସ୍ୟା ଦେଖିବାକୁ ମିଳିଛି ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତର ଚନ୍ଦ୍ରଶେଖରପୁର ଗ୍ରାମର ବିକଳାଙ୍ଗ ହିତାଧିକାରୀ ପ୍ରକାଶ ଡାଙ୍ଗଙ୍କ କ୍ଷେତ୍ରରେ । ହିତାଧିକାରୀଙ୍କ କହିବାଅନୁଯାଇ ଯେ ସେ ପ୍ରତ୍ୟକ ମାସ ନିଜ ଆକାଉଣ୍ଟ ସେ ଭତ୍ତା ପାଇ ଆସୁଥିଲେ। ଆଜକୁ ୪ ମାସ ହେଲା ଭତ୍ତା ପାଉ ନଥିବା ବେଳେ ଏପରିକି ସେ ୮୦ ପ୍ରତିଶତ ବିକଳାଙ୍ଗ ଥିଲେ ମଧ ସରକାରଙ୍କ ବର୍ଦ୍ଧିତ ଭତ୍ତା ରୁ ମଧ ବଞ୍ଚିତ ଥିବା ଜଣାପଡ଼ିଛି । ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ଓ ଟଙ୍କା ଉଠାଣ ପାଇଁ ବାରମ୍ବାର ବ୍ୟାଙ୍କ ଦୌଡି ନିରାଶ ହେବାକୁ ପଡୁଛି ବୋଲି ହିତାଧିକାରୀ ଜଣଙ୍କ କହିଥିଲେ। ସମସ୍ୟା ଉପରେ ଜାଣିବା ପାଇଁ ଧଳପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀକ୍ଷିତା ପ୍ରଧାନଙ୍କୁ ପଚାରିବାରୁ ହିତାଧିକାରୀ ଜଣଙ୍କ ଭତ୍ତା ଟଙ୍କା କାହିଁକି ପାଉନାହାନ୍ତି ମୁଁ ତଦନ୍ତ କରିବି ଏବଂ ସରକାରଙ୍କ ବର୍ଦ୍ଧିତ ଭତ୍ତା ପାଇଁ ଆମେ ଉପରିସ୍ଥିତ ଅଧିକାରୀଙ୍କୁ ବିକଳାଙ୍ଗ ପ୍ରମଣ ପତ୍ର ସହ ପଠାଇଛୁ ବୋଲି କହିଥିଲେ। ଅନ୍ୟପଟେ ବିକଳାଙ୍ଗ ପ୍ରକାଶକୁ ବକେୟା ଥିବା ଭତ୍ତା ଟଙ୍କା ଶୀଘ୍ର ପ୍ରଦାନ ପାଇଁ ଅଞ୍ଚଳର ସ୍ୱେଚ୍ଛାସେବୀ ପ୍ରମିଳ କୁମାର ଦନ୍ତା ଦାବି କରିଛନ୍ତି ।



# ବ୍ଲକ ଚେୟାରମ୍ୟାନ ନେଉଥିଲେ ରାସନ ଚାଉଳ

ଟିଟିଲାଗଡ, ୧୦/୪(ନି.ପ୍ର): ଟିଟିଲାଗଡ ବ୍ଲକ୍ ମନିଗାଁ ପଞ୍ଚାୟତର ରାସନ କାର୍ଡ କ୍ରମିକ ନଂ ୬୦ରେ ବ୍ଲକ୍ ଅଧକ୍ଷା ରାସନ ସାମଗ୍ରୀ ଉଠାଇଥିବା ଜଣାପଡିଛି । ଇ-କେଓ୍ୱାଇସି ଆରମ୍ଭ ହେବା ପରେ ଗତ ଦୁଇ ମାସ ହେବ ପଞ୍ଚାୟତରୁ ରାସନ ସାମଗ୍ରୀ ନେଇନଥିବା ପଞ୍ଚାୟତ ଯୋଗାଣ ସହାୟକର୍ମୀ ଖଣେ ବାଗ କହିଛନ୍ତି । ରିପୋର୍ଟର (ପବିତ୍ର ମୋହନ ସାହୁ) ଟିଟିଲାଗଡ଼ ବ୍ଲକ୍ ଅଧକ୍ଷା ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ଆସୁଥିବା ରାସନ ଚାଉଳ ବର୍ଷ ବର୍ଷ ଧରି ନେଉଥିବା ଘଟଣା ସାମ୍ନାକୁ ଆସିଛି । ବ୍ଲକ ଅଧକ୍ଷା ସଂଯୁକ୍ତା ନାୟକ ନାନାଝର ଗ୍ରାମର ନରୋତ୍ତମ ପଧାନଙ୍କୁ ବିବାହ ହେଲାପରେ ନିଜର ସଂଜ୍ଞା ପରିବର୍ତ୍ତନ କରି ସଂଯୁକ୍ତା ପଧାନ କରିଛନ୍ତି। ବିଜେଡି ପାର୍ଟିର ଜଣାଶୁଣା ବିଜେଡି ନେତ୍ରୀ ଏବଂ ଟିଟିଲାଗଡ଼ ବ୍ଲକର ଚେୟାରମେନ ଅଛନ୍ତି । ଟିଟିଲାଗଡ ବ୍ଲକ୍ ମନିଗାଁ ପଞ୍ଚାୟତର ରାସନ କାର୍ଡ କ୍ରମିକ ନଂ ୬୦ ରେ ବ୍ଲକ୍ ଅଧକ୍ଷା ରାସନ ସାମଗ୍ରୀ



ଉଠାଇଥିବା ଜଣାପଡିଛି । ଇ-କେଓ୍ୱାଇସି ଆରମ୍ଭ ହେବା ପରେ ଗତ ଦୁଇ ମାସ ହେବ ପଞ୍ଚାୟତରୁ ରାସନ ସାମଗ୍ରୀ ନେଇନଥିବା ପଞ୍ଚାୟତ ଯୋଗାଣ ସହାୟକର୍ମୀ ଖଣେ ବାଗ କହିଛନ୍ତି । ବ୍ଲକ୍ ଅଧକ୍ଷାଙ୍କ ପକ୍କା ଘର, ଚାରିଚକିଆ ଗାଡ଼ି ମଧ ଅଛି । ଏସବୁ ଥିବା ସତ୍ତ୍ୱେ ବ୍ଲକ୍ ଅଧକ୍ଷା ରାସନ କାର୍ଡ ହାତେଇ ଚାଉଳ ନେଉଥିଲେ ବୋଲି ଅଭିଯୋଗ ହୋଇଛି । ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ବାଙ୍ଗରିପୋଷୀ ଓ ବିଶୋଇ ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ
## ପ୍ରଭାବିତ ଲୋକଙ୍କୁ ଅତିଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯିବ

ବାରିପଦା,୧୦/୪(ନି.ପ୍ର): ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଗତ ମାର୍ଚ୍ଚ ୨୦ ତାରିଖ ପ୍ରବଳ କୁଆପଥର ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍ଗରିପୋଷୀ ବ୍ଲକର ସରାସପୋଷି, ହାଣଦା, ମହୁଲବରେଇ, ସିଲପୁଞ୍ଜି, ମଣଦା ଆଦି ଗାଁ ଏବଂ ବିଶୋଇ ବ୍ଲକର ଖଡମବେଡା, ପୁଣ୍ଡିଦା, କେଶରଗଡିଆ, ସାରସପଡା, ମୂଷାମାରି, ଯୋଡ଼ିଆ ଇତ୍ୟାଦି କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ସେଦିନ ପ୍ରକୃତିର ଏହି ତାଣ୍ଡବ ଲୀଳା କେତେଯେ ଭୟଙ୍କର ଥିଲା ତାହା ବର୍ତମାନ ପରିସ୍ଥିତିରୁ ଅନୁମେୟ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅଭାବନୀୟ ପରିସ୍ଥିତିର ନିରୀକ୍ଷଣ ଅବସରରେ ରାଜସ୍ୱ ମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗରିପୋଷୀ ବିଧାୟିକା ସଂଜ୍ଞାଳି ମୁର୍ମୁଙ୍କ ସହ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମ ଚନ୍ଦ୍ର ସୋରେନ, କାନ୍ଦ୍ରା ସୋରେନ



ଏବଂ ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ପ୍ରାକୃତିକ ଦୁର୍ଯୋଗର ଶିକାର ହୋଇଥିବା ଗରିବ ଲୋକଙ୍କୁ ଭେଟି ମନ୍ତ୍ରୀ ଏହି ଦୁର୍ଦଶା ପାଇଁ ସେମାନଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ତରଫରୁ ଆବଶ୍ୟକ ସରକାରୀ ସହାୟତା ଯଥା ପଲିଥିନ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଶିଶୁ ଖାଦ୍ୟ, ପିଇବା ପାଣି, ଔଷଧ ଇତ୍ୟାଦି ମିଳିଛି କି ନାହିଁ ପଚାରି ବୁଝିଥିଲେ ଏବଂ ସୁହାନୁଭୂତି ପ୍ରଦର୍ଶନ ପୂର୍ବକ ବର୍ତମାନ ପରିସ୍ଥିତିରେ ଧର୍ଯ୍ୟହରା ନହେବା ପାଇଁ ଆଶ୍ୱାସନା ଦେଇଥିଲେ। ଲୋକମାନଙ୍କ ଏହି ଦୁଃଖଦ ପରିସ୍ଥିତି ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସରକାରୀ ସହାୟତା ତଥା କ୍ଷତିପୂରଣ ଖୁବ ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ. ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଘର ମରାମତି ସର୍ବପ୍ରଥମ ଆବଶ୍ୟକତା ଥିବାରୁ ପ୍ରାଥମିକତା ଭିତ୍ତିରେ ଏବାବଦରେ କ୍ଷତିପୂରଣ ରାଶି ତୁରନ୍ତ ଡିବିଟି ଜରିଆରେ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ। ଅନ୍ୟାନ୍ୟ ବାବଦରେ କ୍ଷତି ପୂରଣ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ କୌଣସି କ୍ଷତିଗ୍ରସ୍ତ ଲୋକ ଯେମିତି କ୍ଷତି ପୂରଣ ପାଇବାରୁ ବାଦ ନପଡନ୍ତି ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏତଦ ବ୍ୟତୀତ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକମାନେ ଚାହିଁଲେ ଶେଲଟର ସେଣ୍ଟରରେ ରହି ପାରିବେ ଏବଂ ସମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବା କୁ ନିର୍ଦ୍ଦେଶ ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲାରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଜୋରିମାନା



ଫୁଲବାଣୀ ତା,୧୦/୦୪ ( ଜଗନ୍ନାଥଏକ୍ସପ୍ରେସ )କନ୍ଧମାଳ ଜିଲ୍ଲା ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ମାନ୍ୟବର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୭ ବର୍ଷିଆ ନାବାଳିକା ଦୁଷ୍କର୍ମ ମାମଲାର ବିଚାର ୧୬ ଜଣ ସାକ୍ଷୀ ଡାକ୍ତରୀ ରିପୋର୍ଟ ଆଧାରରେ ବିଚାର କରି ସନତ କୁମାର ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ ରହିଛି । ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରିଥିଲେ। ସୁଚନା ଅନୁସାରେ ଗତ ତା ୧୮.୦୭. ୨୦୧୬ ରିଖରେ ଅଭିଯୁକ୍ତ ସନତ ପ୍ରଧାନ ବର୍ଷାରେ ଭିଜି ଭିଜି ପିଡୀତା ଘରକୁ ଆସିଥିଲା ଏବଂ ପିଡୀତାକୁ ଘରେ ଏକୁଟିଆ ପାଇ ଜୋର ଜବରଦସ୍ତି ଦୁଷ୍କର୍ମ କରିବା ପରେ ସେ ପୀଡ଼ିତାଙ୍କୁ ଛାଡି ପଳେଇ ଯାଇଥିଲା । ବାପା ମା ଘରକୁ ଫେରିବା ପରେ ପିଡୀତା ସମସ୍ତ ଘଟଣା କହିବାରୁ ପୀଡ଼ିତାଙ୍କ ବାପା ଅଭିଯୁକ୍ତ ଘରକୁ ଯାଇ ସନତ କରିଥିବା ଘଟଣା ବିଷୟରେ ଅବଗତ କରାଇଥିଲେ ଏବଂ ଗ୍ରାମସଭାର ଆୟୋଜନ କରା ଯାଇଥିଲା। ସଭାରେ ଅଭିଯୁକ୍ତ କରିଥିବା ସମସ୍ତ ଦୋଷ ସ୍ୱୀକାର କରିଥିଲା ଏବଂ ଅଭିଯୁକ୍ତଙ୍କ ପିତା ମଧ ପିଡୀତାକୁ ବୋହୁ କରିବାକୁ ସମ୍ମତି ଦେଇ ଥିଲେ ।କିନ୍ତୁ ଆର୍ଥିକ ସମସ୍ୟା ଏବଂ କରୋନାର ପ୍ରଭାବ ଯୋଗୁଁ ବିବାହ ତା ୧୨.୦୫.୨୦୨୧ରିଖରେ ଜାତି,କୂଳ ପ୍ରଥାନୁଯାୟୀ କରାଯାଇଥିଲା। କିଛି ଦିନ ପିଡୀତା ଅଭିଯୁକ୍ତ ଘରେ ରହିବା ପରେ କାହାକୁ କିଛି ନକହି ଅଭିଯୁକ୍ତ ଫେରାର୍ ହୋଇଯାଇଥିଲା। ତେଣୁ ପିଡୀତା ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲା। ଥାନାଧିକାରୀ ଥାନା କେଶ୍ ନମ୍ବର – ୩୧/୨୦୨୪ରେ ରେଜିଷ୍ଟ୍ରେସନ କରି ଏସ୍ ଆଇ ଅଜୟ କୁମାର ସାହୁ ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ମାନ୍ୟବର ବିଚାରପତି ଉକ୍ତ ରାୟ ପ୍ରକାଶ କରିବା ସହ ପିଡୀତାକୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଲିଗାଲ୍ ଏଡଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଗୋଲକ ବିହାରୀ ହେଲେ ଫୁଲବାଣୀ ବ୍ଲକ ନୂତନ ମଣ୍ଡଳ ସଭାପତି

ଫୁଲବାଣୀ ତା, ୧୦/୦୪ ( ଜଗନ୍ନାଥ ଏକ୍ସପ୍ରେସ ) କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ବ୍ଲକ ସଂଗଠନ କୁ ସୁଦୃଢ କରିବା ପାଇଁ ବିଜେପି ନେତୃତ୍ୱ ପରିବର୍ତ୍ତନ କରିଥିବା ଦେଖିବାକୁ ମିଳିଛି । ନିର୍ବାଚନ ପୂର୍ବରୁ ଫୁଲବାଣୀ ବ୍ଲକ ମଣ୍ଡଳ ସଭାପତି ଭାବେ ଶ୍ରୀ ଆଦିତ୍ୟ କହଁର ଙ୍କୁ ଦଳ ଦାୟିତ୍ୱ ଅର୍ପଣ କରିଥିଲା, ଓ ଆଦିତ୍ୟ କହଁର ଙ୍କ ନେତୃତ୍ୱରେ ଦଳ ମଧ୍ୟ ଫୁଲବାଣୀ ବ୍ଲକ ରେ ବିଜେପି ର ସଂଗଠନ ମଝଭୁତ ହୋଇପାରିଥିଲା ଓ ଗତ ସାଧାରଣ ନିର୍ବାଚନ ରେ ଦଳ ମଧ୍ୟ ବିଜୟ ହାସଲ କରି ବିଜେଡି ର ଦୁର୍ଗକୁ ଭାଙ୍ଗି କ୍ଷମତା ଛଡାଇ ଆଣି ଫୁଲବାଣୀ ବିଧାୟକ ଭାବେ ଶ୍ରୀ ଉମାଚରଣ ମଳିକ ନିର୍ବାଚିତ ହୋଇଥିଲେ । ହେଲ କନ୍ଧମାଳ ଜିଲ୍ଲା ବିଜେପି ସଭାପତି ପରିବର୍ତ୍ତନ ପରେ ସଂଗଠନ କୁ ଆହୁରି ବଳିଷ୍ଠ ଓ ସୁଦୃଢ କରିବାପାଇଁ ଫୁଲବାଣୀ ବ୍ଲକ ମଣ୍ଡଳ ସଭାପତି ଭାବେ ଜଣେ ଉଚ୍ଚ ଶିକ୍ଷିତ, ଯୁବ ସମାଜ ସେବି ଶ୍ରୀ ଗୋଲକ ବିହାରୀ କହଁର ଙ୍କୁ ନିଯୁକ୍ତ ପ୍ରଦାନ କରିଛି । ନବ ନିଯୁକ୍ତ ଫୁଲବାଣୀ ମଣ୍ଡଳ ସଭାପତି ଶ୍ରୀ ଗୋଲକ କହଁର ହେଉଛନ୍ତି ଫୁଲବାଣୀ ବ୍ଲକ ଗଞ୍ଜୁଗୁଡା ପଞ୍ଚାୟତ ଅନ୍ତର୍ଗତ ବଇଡ଼ା ଗ୍ରାମର ଜଣେ ଲଢୁଆ ଆଦିବାସୀ ଯୁବନେତା



ଏବଂ ସ୍ୱର୍ଗତ ସୋମନାଥ କହଁର ଙ୍କ ସୁପୁତ୍ର । ଏନେଇ ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ଗୋଲକଙ୍କ ପାଖକୁ ଏକ ନିଯୁକ୍ତି ପତ୍ର ମଧ ପ୍ରେରଣ କରିଥିବା ସୂଚନା ମିଳିଛି । ଶ୍ରୀ କହଁର ଜଣେ ସମାଜସେବୀ, ରାଜନୀତିଜ୍ଞ ଓ ସୁସଂଗଠକ। ୨୦୦୯ ମସିହାରେ ସେ ଇଞ୍ଜିନିଅରିଙ୍ଗ ପାସ କରି ଆସିବା ପରେ ସରକାରୀ ଚାକିରୀ ପଛରେ ନ ଗୋଡେଇ ଭାରତୀୟ ଜନତା ପାର୍ଟିରେ ପ୍ରାଥମିକ ସଦସ୍ୟ ଭାବେ ଯୋଗଦେବା ସହ ଗତ ପଞ୍ଚାୟତ ନିର୍ବାଚନରେ ଗଂଜେଗୁଡା ପଂଚାୟତ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ଅତି କମ ଭୋଟରେ ବ୍ୟବଧାନ ରେ ପରାଜୟ ବରଣ କରିଥିଲେ । ଫୁଲବାଣୀ ବ୍ଲକର ୧୧ ଗୋଟି ପଂଚାୟତର ଗ୍ରାମୀଣ ମଣ୍ଡଳ ସଭାପତି ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି । ଏ ଖବର ପ୍ରଚାରିତ ହେବା ପରେ ପୂର୍ବତନ ମଣ୍ଡଳ ସଭାପତି ଆଦିତ୍ୟ କହଁର, ମିଣିଆ ସରପଂଚ ଗୌତମ ମଳିକ, ଯୁବ ନେତା ଭାଗିରାମ୍ ଦିଗାଲ, କୃଷ୍ଣ ଚନ୍ଦ୍ର କହଁର, ପୂର୍ବତନ ସରପଞ୍ଚ ସଂଜୟ କହଁର, ଗଞ୍ଜୁଗୁଡା ପଂଚାୟତ ସଭାପତି ପ୍ରକାଶ କୁମାର ପ୍ରଧାନ, ସୁନିଲ କୁମାର ପଣ୍ଡା, ଶେଷଦେବ ପଣ୍ଡା,ସଞ୍ଜୟ ଦିଗାଲ, ଉମାଚରଣ କହଁର, ସମେତ ଫୁଲବାଣୀ ବ୍ଲକର ୧୧ ଗୋଟି ପଞ୍ଚାୟତର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଓ ଦଳୀୟ କର୍ମୀମାନେ ଖୁସି ବ୍ୟକ୍ତ କରିବା ସହିତ ଫୁଲବାଣୀ ବ୍ଲକରେ ଦଳ ସୁଦୃଢ ହୋଇପାରିବ ବୋଲି ଆଶା ପୋଷଣ କରିଛନ୍ତି, ହେଲେ ଦେଖାଯାଉ ଆଗାମୀ ଦିନରେ ତ୍ରି ସ୍ତରୀୟ ପଂଚାୟତ ରାଜ ନିର୍ବାଚନ ଆସୁଥିବାରୁ ତାକୁ କିଭଳି ସାମ୍ନା କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ନବ ନିଯୁକ୍ତ ମଣ୍ଡଳ ସଭାପତି ଶ୍ରୀ ଗୋଲକ ବିହାରୀ କହଁରଙ୍କ ପାଇଁ ଚାଲେଞ୍ଜ ହୋଇ ଠିଆ ହୋଇଥିବା ଅଗ୍ନି ପରୀକ୍ଷାରେ ସଫଳ ହୋଇ ପାରିଲେ ଦଳ ତାଙ୍କ ଉପରେ ରଖିଥିବା ଭରସା ଅତୁଟ ରହିବା ସହିତ ସେ ଦଳୀୟ ସୁପ୍ରିମୋ ଙ୍କ ଭରସା ଯୋଗ୍ୟ ହୋଇପାରିବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେବାରେ ଲାଗିଛି ।

# ଶ୍ରୀ ହରିହର ସିଦ୍ଧ ରଘୁନାଥ ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ର ପୂର୍ଣ୍ଣାହୁତି



ଜଗତସିଂହପୁର ତା ୧୦/୪(ନୀପ୍ର) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ବରାଗୋଳ ପଞ୍ଚାୟତ ଗୋଠିଣା ନରେନ୍ଦ୍ର ବିଦ୍ୟମନ୍ଦିର ସ୍ଥିତ ମଧୁବନ ପଡ଼ିଆରେ ପ୍ରତିଷ୍ଠିତ ଓଁ ଶ୍ରୀ ଶ୍ରୀ ସିଦ୍ଧ ହରିହର ରଘୁନାଥର ମନ୍ଦିରର ୧୦ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗତ ରବିବାର ରାମନବମୀରେ ଆରମ୍ଭ ଜରାଯାଇ ୫ଦିନ ବ୍ୟାପି ଯଜ୍ଞ ଅନୁଷ୍ଠିତ ହୋଇଥିଲା ।ଗୁରୁବାର ଏହାର ପୂର୍ଣ୍ଣଆହୁତି ଦିବସରେ ସୂର୍ଯ୍ୟ ପୂଜା,ଗୋ ପୂଜ,ମଣ୍ଡଳ ପୂଜା, ରୁଦ୍ରଭିଷେକ,ଶ୍ରୀମଦ ଭଗବତ ଗୀତାରେ ଆହୁତି ପ୍ରଦାନ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକୁ ଗୋଠିଣା,ବରାଗୋଳ ପଣ୍ଡିଆ ସାହି ସାନତିହଡ଼ା ,ଗରୁଆଳ, ବିଶ୍ୱନାଥପୁର, ଦୋଳମୁଣ୍ଡା,ସିବାପୁର ପଞ୍ଚାୟତ ସମସ୍ତ ଗ୍ରାମସହ ବିରାଟ କଟକ ,କଣ୍ଟାପଡା ଓ କୁଆମଙ୍ଗାର ସମସ୍ତ ଗ୍ରାମ ଲୋକଙ୍କ ପୁର୍ଣ ସହାୟତା ଓ ସହଯୋଗରେ ସୁଚାରୁପେ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ଦର୍ଶନ କରି ପ୍ରଭୁଙ୍କ ?ପା ଲାଭକରିବା ସହିତ ହରିହାଟରେ ପ୍ରସାଦ ସେବନ କରିନିଜକୁ କତାର୍ଥ କରିଥିଲେ। ଏହି ଅବସରରେ ଦୃଷ୍ଟି ଶକ୍ତି ବାଧିତ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଖଜୁରୀପଡାରେ ଜିଲ୍ଲା ପ୍ରଶାସନର 'ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖଜୁରୀପଡା ତା,୧୦/୦୪ ( ଜଗନ୍ନାଥ ଏକ୍ସପ୍ରେସ ) କନ୍ଧମାଳ ଜିଲ୍ଲା ଖଜୁରୀପଡା ରେ ଓଡ଼ିଆ ପକ୍ଷ ୨୦୨୫ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି ଇ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ମାନ୍ୟବର ବିଧାୟକ ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକ ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପଦ୍ମଶ୍ରୀ ଶ୍ରୀମତୀ ପୂର୍ଣ୍ଣମାସୀ ଯାନୀଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଜୁରୀପଡା ଶ୍ରୀ ଶୁଭ ଦତ୍ତାତ୍ରେୟ ବାହିନୀପତି ,ଜିଲ୍ଲା ପରିଷଦ ସଭ୍ୟା(ଜୋନ-୪) ଶ୍ରୀମତୀ ଉର୍ବଶୀ ଦିଗାଲ, ଅଧକ୍ଷା, ଖଜୁରୀପଡା ବ୍ଲକ ସୁଶ୍ରୀ ଅନିମା କହଁର, ଖଜୁରୀପଡା ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା, ବ୍ଲକ କଳା ସାଂସ୍କୃତିକ ସଂଘର ସଭାପତି,ଉପ-ସଭାପତି ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ଓ ଲୋକକଳା ଗ୍ରାମର ୪୦ ଜଣ ବରିଷ୍ଠ କଳାକାରମାନଙ୍କୁ ମାନପତ୍ର ଓ ଉତ୍ତରୀୟଦେଇ ସମ୍ବର୍ଦ୍ଧନା କରାଯାଇଥିଲା ଓ ଶେଷରେ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଲୋକ କଳା ପାଇଁ ଦିନଟିଏ ଅନୁଷ୍ଠିତ ହୋଇଯାଇଥିବା କାର୍ଯ୍ୟକ୍ରମ ରେ ଶତାଧିକ ଜନସାଧାରଣ ଉପସ୍ଥିତ ରହି ସୁନ୍ଦର ଭାବେ ଉପଭୋଗ କରିଥିଲେ।

# ମାଫିଆଙ୍କ ପ୍ରତି ବଢୁଛି ଖଣି ବିଭାଗ ପିରତୀ

- ବିଭାଗର ଇଙ୍ଗିତରେ ଚାଲିଛି ବେଆଇନ ବାଲି ଓ ମାଟି
- ମାଫିଆ ହେଲେଣି ସକ୍ରିୟ, ବିଭାଗୀୟ ଅଧିକାରୀ ପକେଟ ଗରମ କରି ଶୋଉଛନ୍ତି କୁମ୍ଭକର୍ଣ୍ଣ ନିଦ୍ରାରେ

ପଟ୍ଟାମୁଣ୍ଡାଇ **୧୦/୪(ନି.ପ୍ର):** ଏବେବି ମୋହନ ସରକାରଙ୍କୁ ବଦନାମ କରିବାକୁ ପ୍ରୟାସ ଚଳାଇଛନ୍ତି କିଛି ଅଫିସର ଓ କିଛି କୁଜି ନେତା । ଦିନ ଦ୍ୱି ପ୍ରହରେ ହେଉଛି ବାଲି, ମାଟି ଲୁଟ୍। ପୂର୍ବ ସରକାର ସମୟରୁ ଚାଲୁଥିବା ଖାଅ ଓ ଖୁଆଅ ନୀତି ଏବେବି ଅପରିବର୍ତ୍ତିତ ରହିଛି। ସରକାର ବଦଳିବା ପରେ ମଧ୍ୟ ଚୋରା ମାଫିଆଙ୍କ ସହିତ ମଧୁଚନ୍ଦ୍ରିକା ରଖିଛି ଖଣି ବିଭାଗ । ବିଶେଷ କରି ବେଆଇନ ବାଲି, ମାଟି ଓ ପରିବହନ ହେଉଥିବା କେନ୍ଦ୍ରାପଡା ଜିଲ୍ଲା ଏବେ ପୁରା ଚର୍ଚ୍ଚା ରେ । ପଟ୍ଟାମୁଣ୍ଡାଇ ତହସିଲର ନିଳକଣ୍ଠପୁର ଘାଟରୁ ଏଭଳି ସଙ୍ଗୀନ ଅଭିଯୋଗ ଆସିଛି । ନିଳକଣ୍ଠପୁର ରେ ଲିଜ ନଥିବା ବେଆଇନ ଘାଟରୁ ପ୍ରତେକ ଦିନ ଶହ ଶହ ଗାଡି ବାଲି ଚୋରା ଚାଲାଣ ହେଉଛି । କିନ୍ତୁ ନାଁ ଦେଖୁଛି ପୋଲିସ ନାଁ ଖଣି ବିଭାଗ । ଗତ କିଛି ସମୟ ଦିନ ତଳେ କେନ୍ଦ୍ରାପଡା ଖଣି ବିଭାଗର ଦାୟିତ୍ୱ ରେ ଥିବା ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆଙ୍କୁ ଲାଞ୍ଚ ନେବା ଘଟଣା ସମ୍ନାକୁ ଆସିଥିଲା। ତେବେ ସରକାର ଖୁଣ୍ଟିଆ ଙ୍କୁ ନିଲମ୍ବିତ କରିଥିବା ପରେ ମଧ ତଥାପି ଥମୁନି ମାଫିଆ ପ୍ରୀତି । ବାରମ୍ବାର ଅଭିଯୋଗ ପରେ ସ୍ୱତନ୍ତ୍ର ସ୍କ୍ୱାର୍ଡ କିଛି ଦିନ ଚଢ଼ାଉ ଜୋରଦାର କରିଥିଲା । ବିଧାନସଭା ରେ କଥା ବି ଉଠିଲା ହେଲେ ତଥାପି ଥମୁନି ବାଲି ଚୋରା ଚାଲାଣ । ଅନ୍ୟପଟେ ନିଳକଣ୍ଠପୁର ଗ୍ରାମବାସୀ ବି ବାଲି ଉଠିବାକୁ ନେଇ ଅତିଷ୍ଠ ହେଲେଣି ଯଦି ପ୍ରଶାସନ ତ୍ୱରିତ ପଦକ୍ଷପ ନନିଏ ତେବେ ଆଇନକୁ ହାତକୁ ନେବା ପାଇଁ ଚେତାବନୀ ଦେଲେଣି ।ଖଣି ବିଭାଗ ର ଅପାରଗତା ନା ଉଦାସୀନତା ତାହା ମଧ୍ୟ ସନ୍ଦେହ ଜନକ । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଟ୍ରାକ୍ଟର , ହାଇୱା ଓ ଜେସିବି ଲଗାଇ ଶହ ଶହ ଟ୍ରିପ ଚୋରା ବାଲି ଓ ମାଟି ବାହାରକୁ ଚାଲାଣ କରୁଥିଲେ ମଧ ନୀରବଦ୍ରଷ୍ଟା ସାଜିଛନ୍ତି ଖଣି ବିଭାଗ । ଯାହା ଦ୍ୱାରା କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଥିବା ବେଳେ ନଦୀ କୁଳିଆ ଲୋକେ ଭୟଭୀତ ହେଲେଣି ବିଶେଷକରି ରାତି ରେ ବାଲି ମାଫିଆ ମାନେ ଛକ ଛକ ରେ ଜଗି ରହି ନିଦ୍ୱନ୍ଦ୍ୱରେ ବାଲି ଚାଲାଣ କରୁଛନ୍ତି । ଯଦି କେହି ଅଫିସର ବା ସ୍କ୍ୱାର୍ଡ ଆସିବାର ଖବର ପାଉଛନ୍ତି ତେବେ ମାଫିଆ ତିଆରି କରିଥିବା ଏକ what's your ଗ୍ରୁପ ରେ ଏସ ଏମ ଏସ କରି ସତର୍କ କରାଇ ଦେଉଛନ୍ତି। ଯାହା ଦ୍ୱାରା ଗାଡି ମାଲିକ ଓ ଡ୍ରାଇଭର ମାନେ ସତର୍କ ହୋଇ ଗାଡି ଲୁଚାଇବାର ସକ୍ଷମ ହେଉଛନ୍ତି । ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ପଚାରିବାରୁ ତହସିଲଦାର କହିଛନ୍ତି ଏ ସମ୍ପର୍କରେ ସେ ସୂଚନା ପାଇଛନ୍ତି । ଖଣି ବିଭାଗ ସହିତ ଆଲୋଚନା କରି କଡା ପଦକ୍ଷେପ ନିଆଯିବ । ଦିନ ରାତି ନିର୍ଭୟ ରେ ଶହ ଶହ ଟ୍ରିପ୍ ମାଟି ଓ ବାଲି ଚୋରା ଚାଲାଣ ହେଉଛି ଏବଂ କିଭଳି ଖଣି ବିଭାଗ ଧୃତରାଷ୍ଟ୍ର ସାଜି ନିରବ ରହୁଛି ତାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ସମାଜସେବୀ ରାଜେଶ ଗୌଡ଼ଙ୍କ ନିଆରା ସେବା ଟ୍ୱିଟରରେ କରୁଛନ୍ତି ସମସ୍ୟାର ସମାଧାନ



ଲାଞ୍ଜିଗଡ **୧୦/୪(ନି.ପ୍ର):**କଳାହାଣ୍ଡି ଜିଲ୍ଲାରେ ଟ୍ୱିଟର ବଏ ନାମରେ ପରିଚିତ ଯୁବ ସମାଜସେବୀ ରାଜେଶ ଗୌଡ଼ଙ୍କ ନିଆରା ସେବା। ସାମାଜିକ ଗଣମାଧ୍ୟମକୁ ପ୍ରମୁଖ ଅସ୍ତ୍ର କରି ଗରିବ ଅସହାୟ ଲୋକଙ୍କ ସମସ୍ୟାକୁ ଟ୍ୱିଟ କରି କରନ୍ତି ସମାଧାନ । କେଉଁ ଗାଁରେ କଣ ସମସ୍ୟା ରହିଛି,କିଏ ହେଉଛି ଅବହେଳିତ, ଆଉ କିଏ ସରକାରି ସେବାରୁ ବଞ୍ଚିତ,ଏମିତି କିଛି ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଭିଭାଗୀୟ ଅଧିକାରୀଙ୍କୁ ଟ୍ୱିଟର ମାଧ୍ୟମରେ ଅବଗତ କରାଇ ଏକ ନିଆରା ସମାଜସେବା କାର୍ଯ୍ୟ ଜାରି ରଖିଛନ୍ତି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ରିଷିଗାଁ ପଞ୍ଚାୟତ ଡ଼ଙ୍ଗରିପଡ଼ା ଗ୍ରାମର ରାଜେଶ ଗୌଡ଼ । ନିଜ କାର୍ଯ୍ୟ ସହିତ ପ୍ରତିଦିନ ବିଭିନ୍ନ ଖବର କାଗଜରେ ପ୍ରକାଶିତ ଖବର ଦିନ ଦରିଦ୍ର ଲୋକଙ୍କ ସମସ୍ୟା ସହ ପ୍ରଶାସନିକ ଅବହେଳାକୁ ନେଇ ସେ ବ୍ଲକ ପ୍ରଶାସନଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ବିଭାଗୀୟ ମନ୍ତ୍ରୀ ସଚିବ ମୁଖ୍ୟମନ୍ତ୍ରୀ ଙ୍କୁ ଟ୍ୱିଟର ମାଧ୍ୟମରେ ଉକ୍ତ ସମସ୍ୟା ଗୁଡ଼ିକକୁ ଦୃଷ୍ଟି ଗୋଚର କରିଥାନ୍ତି । ଗରିବ ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇ ସେମାନଙ୍କୁ ସହାୟତାର ବାଟ ଦେଖାନ୍ତି । ୨୦୨୧ ରୁ ରାଜେଶ ଗୌଡ଼ ଅନବରତ ଭାବେ ଟ୍ୱିଟର ମାଧ୍ୟମରେ ଲୋକଙ୍କ ସମସ୍ୟାକୁ ସରକାର ନିକଟରେ ପହଞ୍ଚାଇବା କାର୍ଯ୍ୟ ଜାରି ରଖିଛନ୍ତି ବର୍ତ୍ତମାନ ସୁଦ୍ଧା ୪ହଜାର ରୁ ଉର୍ଦ୍ଧ୍ୱ ସମସ୍ୟା ସମ୍ପର୍କରେ ଟ୍ୱିଇଟ କରିଥିବା ବେଳେ ଅନେକ ସମସ୍ୟା ର ସମାଧାନ କରି ପାରିଛନ୍ତି । ଖାଲି ସେତିକି ନୁହେଁ ରାଜେଶ ଗୌଡ଼ ୩୯ ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସାରିଲେଣି ବେଳେ ଏକ ସ୍ୱେଚ୍ଛାସେବି ସଂଗଠନ କଳାହାଣ୍ଡି ଓ୍ୱାରରିଅର୍ଶ ଅର୍ଗାନାଇଜେସନର ପ୍ରତିଷ୍ଠାତା ରୂପେ ୪ ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି। ରାଜେଶଙ୍କ ଏଭଳି ସମାଜସେବା ମନଭାବକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

# ବନବିଭାଗରେ ମହାଦୁର୍ନୀତି: ସରକାରୀ ଅନୁଦାନ ଲୁଟ ପାଇଁ ଅଜବ କାରସାଦି

## ମଲା ଗଛରେ ପାଣି ଦେଉଛି ବନବିଭାଗ , ଅଭିଯୋଗ କଲେ ଧମକ ଦେଉଛନ୍ତି ବନାଞ୍ଚଳ ଅଧିକାରୀ

ଲାଞ୍ଜିଗଡ଼ **:୧୦/୪(ନି.ପ୍ର):** ସାଇନବୋର୍ଡରେ ଲେଖାଯାଇଛି ୨୫ ହେକ୍ଟର ଜଙ୍ଗଲରେ କାମ୍ପା ଯୋଜନାରେ ହୋଇଛି ବୃକ୍ଷରୋପଣ। ଲଗାଯାଇଛି ୧୨ ହଜାର ୫୦୦ ଚାରାଗଛ। ଆଉ ଗଛଗୁଡିକୁ ବଞ୍ଚାଇବାକୁ ଟ୍ୟାଙ୍କର ଲଗାଇ ଦିଆଯାଉଛି ପାଣି। ଏପରି କହୁଛି ବନବିଭାଗ। କିନ୍ତୁ ପାଖରୁ ଦେଖିଲେ ସବୁ ଓଲଟା। କାରଣ ବୋର୍ଡରେ ଯାହା ଲେଖାଯାଇଛି ତାହା ସତ ନୁହେଁ। ୧୨ ହଜାର ୫୦୦ ଗଛ ଲାଗିଥିବା ଜାଗାରେ ଦଶଟି ଗଛବି ଦେଖିବା ମୁସ୍କିଲ। ଯେଉଁ ଜଙ୍ଗଲରେ ଦଶଟି ଗଛ ବି ଦେଖିବାକୁ ମିଳୁନି, ସେଇଠି ବୋର୍ଡ କହୁଛି ୨୫ ହେକ୍ଟର ଜଙ୍ଗଲରେ ଗଛ ଲଗାଯାଇଛି ବୋଲି। କେବଳ ସେତିକି ନୁହେଁ, ମଲା ଗଛ ଗୁଡ଼ିକରେ ଟ୍ୟାଙ୍କର ଲଗାଇ ଦିଆଯାଉଛି ପାଣି। ଦୁଇଦିନ ହେଲା ମଲା ଗଛରେ ଟ୍ୟାଙ୍କର ଲଗାଇ ପାଣି ଦିଆଯାଉଥିବା ବେଳେ ଆଜି ଏହାକୁ ବିରୋଧ କରିଛନ୍ତି ବନ ସୁରକ୍ଷା ସମିତିର କର୍ମକର୍ତ୍ତା। ଏଭଳି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ତଥା ସିକେରକୁପା ସେକ୍ସନ, ପାଣିମୁଣ୍ଡା ବିଟ ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ। ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ କାମ୍ପା ଯୋଜନାରେ ଗଛ ଲାଗିଛି ବୋଲି ବନବିଭାଗ କହୁଥିବାବେଳେ ସେଇ ୨୫ ହେକ୍ଟର ଅଞ୍ଚଳରେ ପଚିଶଟି ବି ଗଛ ନାହିଁ। ସେହିପରି ସପ୍ତାହେ ପୂର୍ବରୁ ବନବିଭାଗର ଅବହେଳା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଏବେ ସେଇ ନିଆଁକୁ ବାହାନା କରୁଛି ବନବିଭାଗ। ସରକାରୀ ଅନୁଦାନକୁ ଲୁଟ କରିବାକୁ ଏଇ ବାହାନାରେ ମଲାଗଛରେ ପାଣି ଦିଆଯାଉଥିବା ଦେଖି ବିରୋଧ କରିଛନ୍ତି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ। ତେବେ ଲୋକଙ୍କ ବିରୋଧ ପରେ ନିଜ କାରସାଦି ଧରା ପଡିଯିବା ଭୟରେ ଅଭିଯୋଗକାରୀଙ୍କୁ ଧମକ ଦେଇଛନ୍ତି ବନାଞ୍ଚଳ ଅଧିକାରୀ। ଏପରିକି ସାଧାରଣ ଲୋକଙ୍କୁ ପୁଲିସ କେସର ଭୟ ଦେଖାଇଛନ୍ତି ଫରେଷ୍ଟର ଓ ଫରେଷ୍ଟ ଗାର୍ଡ। ସୂଚନାନୁଯାୟୀ, ଯେଉଁ ଜଙ୍ଗଲକୁ ନେଇ ଲୋକେ ବନବିଭାଗ ନାଁରେ ଅଭିଯୋଗ କରୁଛନ୍ତି ସେଇ ଜଙ୍ଗଲରେ କେବଳ କାମ୍ପା



ଯୋଜନାର ବୋର୍ଡ ଲାଗିଛି ସତ କିନ୍ତୁ ମନରେଗା ସମେତ ଅନ୍ୟ ଯୋଜନାରେ ମଧ ବୃକ୍ଷରୋପଣ, ପରିଚାଳନା କରାଯାଇଥିବା ଦର୍ଶାଇ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ସେହିପରି ଜଙ୍ଗଲ ନିଆଁ ରୋକିବାକୁ ଆଉ ସଚେତନ କରିବାକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସୁଥିବାବେଳେ ସେସବୁକୁ ଚଲୁ କରିଦେଇଛନ୍ତି ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ। ଏବେ ଲୋକଙ୍କ ଆଗରେ ଚୋରି ଧରା ପଡିଯିବା ପରେ ସେମାନେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବଢୁଥିବାବେଳେ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସ୍ଥାନିୟ ଲୋକେ ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟ ଗାର୍ଡ ଲକ୍ଷ୍ମୀ ପାତ୍ରୀଙ୍କୁ ପଚାରିବାରୁ ମୁଁ କିଛି ଜାଣିନି, ଉପରିସ୍ଥ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିବାବେଳେ ଫରେଷ୍ଟର ଭାଗିରଥୀ ନାଏକଙ୍କୁ ପଚାରିବାରୁ, ଲୋକେ ଯାହା କରୁଛନ୍ତି କରନ୍ତୁ, ଆମକୁ ଫରକ ପଡ଼ିବନି ବୋଲି ରୋକଠୋକ ଶୁଣାଇଛନ୍ତି।

# ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଆଭାସି ମାଧ୍ୟମରେ ପ୍ରସ୍ତୁତି ବୈଠକ

ରାୟଗଡ **୧୦/୪(ନି.ପ୍ର):** ରାୟଗଡା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆସନ୍ତା ୧ତା ରିଖରୁ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୧ତାରିଖରୁ ୧୪ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଆଜି ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆଓ୍ୱାସି ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏପ୍ରିଲ ପହିଲାରେ ଓଡିଶା ଦିବସକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆୟୋଜନ କରିବ । ଦୁଇତାରିଖରେ ଖଡ଼ିଛୁଆଁ ଦିବସ ଭାବରେ ସ୍କୁଲ ଓ ଗଣ ଶିକ୍ଷା ଓ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କରାଯିବ, ତିନି ତାରିଖରେ ପରମ୍ପାରିଖ ପୋଷାକ ପରିଧାନ, ଚାରି ତାରିଖରେ ହେବ ନାମ ଫଳକ ଅଭିଯାନ, ପାଞ୍ଚ ତାରିଖରେ ଗଣ ଦୌଡ଼, ଛଅ ତାରିଖ ରେ ଦେବାଳୟ ସ୍ୱଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସାତ ତାରିଖରେ ସଂସ୍କୃତି ବିଭାଗ ତରଫରୁ ବର୍ଣ୍ଣ ବୋଧ ବଣ୍ଟନ କରାଯିବ । ଆଠ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ରକ୍ତ ଦାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ନଅ ତାରିଖ ଦିନ ଆସ ବହି କିଣିବା ଦିବସ ପାଳନ କରାଯିବ । ଦଶ ତାରିଖରେ ଦିନ ଲୋକ କଳାକାର ଦିବସ ପାଳନ କରାଯିବ ଓ ବରିଷ୍ଠ କଳାକାର ମାନଙ୍କୁ ସମ୍ମକ୍ଷନିତ କରାଯିବ । ସେହିପରି ଏଗାର ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଯୁବ ଲେଖକ ଦିବସ ଭାବରେ ପାଳନ କରାଯିବ । ବାର ତାରିଖରେ ବରପୁତ୍ର ମାନଙ୍କ ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ତେର ତାରିଖରେ ପାରମ୍ପରିକ ଖାଦ୍ୟ ଦିବସ ଭାବରେ ସହରାଞ୍ଚଳ ଓ ପାନୀୟଜଳ ବିଭାଗ ତରଫରୁ କରାଯିବ । ଚଉଦ ତାରିଖରେ ଅର୍ଥାତ ପଣା ସଂକ୍ରାନ୍ତି ଦିନ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ଓ ସେହି ଅନୁସାରେ ବିଭାଗୀୟ ଅଧିକାରୀ ମାନେ ଆୟୋଜନ କରିବାକୁ ଅନୁରୋଧ କରିଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ସୋସିଆଲ ୱେଲଫେୟାର ଅର୍ଗାନେଜେସନ୍, କଳାହାଣ୍ଡି ପରିବାର ସମ୍ବର୍ଦ୍ଧିତ

ଧର୍ମଗଡ **୧୦/୪(ନି.ପ୍ର):** ନୂଆପଡ଼ା ଜିଲ୍ଲା ରାଜା ଖଡିଆର ଉଗ୍ରସେନ ଭବନ ଠାରେ ଆୟୋଜିତ ହୋଇଥିବା ହେଲ୍ପିଙ୍ଗ ଫର୍ ହେଲ୍ପଲେସ୍ ଫାଉଣ୍ଡେସନ ସଙ୍ଗଠନର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସରେ ଓଡ଼ିଶାର ବିଭିନ୍ନ ସକ୍ରିୟ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ବର୍ଦ୍ଧନା ପାଇଁ ନିମନ୍ତ୍ରିତ କରାଯାଇଥିଲା । ମାନବ ସେବା ହିଁ ମାଧବ ସେବା। ରକ୍ତଦାନଠାରୁ ଆରମ୍ଭ କରି ଦୁର୍ଘଟଣାଗ୍ରସ୍ତଙ୍କୁ ହସ୍ପିଟାଲରେ ପହଞ୍ଚାଇ ଅନେକ ପ୍ରକାରର ଜନ କଲ୍ୟାଣ କାର୍ଯ୍ୟ ଯେଭଳି ସମାଜସେବା ସୋସିଆଲ ୱେଲଫେୟାର ଅର୍ଗାନେଯେସନ୍, କଳାହାଣ୍ଡି ପରିବାର କରି ଆସୁଛି ତାହା ଯୁବବର୍ଗଙ୍କୁ ପ୍ରେରଣା ଯୋଗାଇବ ବୋଲି କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ୱେଲଫେୟାର ଅର୍ଗାନେଯେସନ୍, କଳାହାଣ୍ଡି ପରିବାର ର ପ୍ରତ୍ୟେକ ଦିନର ସେବା କାର୍ଯ୍ୟକୁ ଦେଖି ସମ୍ମାନିତ କରିବା ପାଇଁ ବିବେଚିତ କରି ନିମନ୍ତ୍ରଣ



କରାଯାଇଥିଲା। ସଭାପତି ଗୋପିନାଥ ମହାନନ୍ଦ ଙ୍କ ନେତୃତ୍ୱରେ ସ୍ୱୟଂ ଅନୁଷ୍ଠାନ ର ସଭାପତି ଗୋପିନାଥ ମହାନନ୍ଦ, ଉମାକାନ୍ତ ସୁନାନୀ,ସୁମିତ କୁମାର ଖମାରୀ, ରିଙ୍କୁ ମଙ୍ଗରାଜ, ରମେଶ ସାଗର, ଟିଙ୍କୁ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭିନ୍ନ ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ପ୍ରଦାନପୂର୍ବକ ସଙ୍ଗଠନର ଉପସ୍ଥିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମାଜିକ ସଙ୍ଗଠନ ସହିତ ସମ୍ବନ୍ଧୟ ରକ୍ଷା କରି ସେବା କାର୍ଯ୍ୟକୁ ବ୍ୟାପକ କରିବାର ମାଧ୍ୟମ ହେବ ବୋଲି ସୋସିଆଲ ୱେଲଫେୟାର ଅର୍ଗାନେଯେସନ୍, କଳାହାଣ୍ଡି ପରିବାର ର ସଭାପତି ଗୋପୀନାଥ ମହାନନ୍ଦ ମତପ୍ରକାଶ କରିଛନ୍ତି ।

# ସତ୍ୟ ମହିମା ଆଶ୍ରମ ପରବାଙ୍ଗିରେ ମହିମା ମେଳା

ଭବାନୀପାଟଣା,**୧୦/୪(ନି.ପ୍ର):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରବାଙ୍ଗି ସ୍ଥିତ ସତ୍ୟ ମହିମା ଆଶ୍ରମରେ ଚାଲିଛି ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ-୨୦୨୫। ମଠାଧୀଶ ସାଧୁ ପ୍ରଭାକର ଦାସଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ ବ୍ରହ୍ମଯଜ୍ଞର ପୌରହିତ୍ୟ କରିଥିଲେ ବ୍ରହ୍ମ ଅବଧୂତ ଭଗବାନ ଦାସ। ବ୍ରହ୍ମ ଅବଧୂତ ମଦନ ବାବା, ବ୍ରହ୍ମ ଅବଧୂତ ସୁରେଶ ବାବାଙ୍କ ସମେତ ସାଧୁ ବିପିନ ଦାସ, ସାଧୁ ଉଦ୍ଧବ ଦାସ, ସାଧୁ ସଦାନନ୍ଦ ଦାସ, ସାଧୁ ଝସକେତନ ଦାସ, ସାଧୁ ଇନ୍ଦ୍ରମଣି ଦାସ, ସାଧୁ ବିଦୁର ଦାସ, ସାଧୁ କୁମୁଦ ଦାସ ପ୍ରମୁଖ ବ୍ରହ୍ମଯଜ୍ଞ ପରିଚାଳନା କରୁଛନ୍ତି। ଏହି ଅବସରରେ ବୈଦ୍ୟରାଜ ଭକ୍ତ ପବିତ୍ର ଶବର




ଆଶ୍ରମର ନବ ନିର୍ମିତ ଧୂନି ମଣ୍ଡପର ଶୁଭ ଉଦଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରା ସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପିଠରେ ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ତ୍ୟାଗିଙ୍କ ସମେତ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ। ରବିବାର ସକାଳ ୮ ଘଣ୍ଟା କଳସ ଯାତ୍ରା, ସନ୍ଧ୍ୟା ୬ ଘଣ୍ଟା ବ୍ରହ୍ମଧୂନି ସ୍ଥାପନ ଓ ଯଜ୍ଞାରମ୍ଭ, ରାତ୍ର ୮.୩୦ ପ୍ରବଚନ, ଅହୋରାତ୍ର ନାମ ଭଜନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ସୋମବାର ବ୍ରାହ୍ମ ମୂହୁର୍ତ୍ତରେ ମହାପ୍ରସାଦ ଅର୍ପଣ, ଦିବା ?୮ଘଣ୍ଟା ଭଜନ ଓ ପ୍ରବଚନ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳ ୮ ଘଣ୍ଟା ପୂର୍ଣ୍ଣାହୁତି ସହ ୨୦୨୫ ମହିମା ମେଳା କାର୍ଯ୍ୟକ୍ରମର ସମାପନ ହେବ ବୋଲି ସତ୍ୟ ମହିମା ଆଶ୍ରମ ପରବାଙ୍ଗିର ମଠାଧୀଶ ସାଧୁ ପ୍ରଭାକର ଦାସ ସୂଚନା ଦେଇଛନ୍ତି। ଏହି ମେଳାରେ ବ୍ରହ୍ମଯଜ୍ଞ ସହ ଚୁଡ଼ାକରଣ, ମୁଣ୍ଡନ, ସଂସ୍କାର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ମହିମା ଧର୍ମାବଲମ୍ବୀ ସିଦ୍ଧ, ସାଧୁ, ବୈରାଗୀ ଓ ୧୫ ଗୋଟି ଜିଲ୍ଲାରୁ ଭକ୍ତବୃନ୍ଦ ଯୋଗ ଦେଇଛନ୍ତି। ବ୍ରହ୍ମଯଜ୍ଞ ଓ ଭଜନ ଦେଖିବାସହ ପ୍ରବଚନ ଶ୍ରବଣ କରିବାକୁ ପ୍ରବଳ ଜନସମାଗମ ହେଉଥିବା ଦେଖିବାକୁ ମିଳୁଛି।

# ମା’ ଭଗବତୀ ଶାଶୁବୋହୂ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମାତୃଶକ୍ତି ମହାଯଜ୍ଞ

ବାସୁଦେବପୁର **୧୦/୪(ନି.ପ୍ର):**ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡ଼ାମଣି ଗ୍ରାମ ପଞ୍ଚାୟତରେ ଶାଶୁ ବୋହୂ ଠାକୁରାଣୀଙ୍କ ପିଠରେ ୨୦ ତମ ବିଶ୍ୱଶାନ୍ତି ମାତୃଶକ୍ତି ମହାଯଜ୍ଞ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ରତ୍ନାକର ମହାକୁଡ଼ଙ୍କ ବିଶେଷ ଚେଷ୍ଟାରେ ଏବଂ ଗ୍ରାମବାସୀମାନଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ମହାଯଜ୍ଞ ରେ ୨୦ ଜଣ ପୁରୋହିତ ନିୟୋଜିତ ହୋଇଥିଲେ। ତିନି ଦିନ ଧରି ମା’ଙ୍କ ପୀଠ ରେ ଯଜ୍ଞ କାର୍ଯ୍ୟ ହୋଇଥିଲା। ଆଖପାଖ ରୁ ଅନେକ ଶ୍ରଦ୍ଧାଳୁମାନେ ମା’ଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ପାଇଁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ୧୦୮ ଘଟ ଉତ୍ତୋଳନ ସହିତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଦିତୀୟ ଦିନରେ ସପ୍ତଶିଦ୍ଧି ଚଣ୍ଡୀ ରେ ହବନାଦି କାର୍ଯ୍ୟ କରାଯାଇଥିଲା। ତୃତୀୟ ଦିନରେ ଅନେକ ଶ୍ରଦ୍ଧାଳୁମାନଙ୍କ ଗହଣରେ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟ ପରେ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା ଶାଶୁବୋହୁ ଠାକୁରାଣୀଙ୍କ ପୀଠ ବହୁ



ପୁରାତନ ପୀଠ। ମା ଙ୍କର ଅପାର କରୁଣା ରୁ ଭକ୍ତ ମାନଙ୍କର ସମସ୍ତ ଦୁଃଖ ଦୁର ହୋଇଥାଏ। ଏଣୁ ଭକ୍ତ ମାନେ ମାନସିକ ରଖିଥାନ୍ତି ଏବଂ ମା’ଙ୍କ ପୀଠରେ ଆସି ପୂଜାର୍ଚ୍ଚନା କରିବା ସହିତ ମାନସିକ ପୁରଣ କରିଥାନ୍ତି। ନିକଟରେ ସମୁଦ୍ର ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯିବା ସମୟରେ ମା’ଙ୍କୁ ପୂଜାର୍ଚ୍ଚନା କରି ମାନସିକ ରଖି ସମୁଦ୍ର ମଧକୁ ଯାଇଥାନ୍ତି ଏବଂ ମାଛମାରି ଫେରିଲେ ମା’ଙ୍କ ନିକଟରେ ପହଞ୍ଚି ଥାନ୍ତି ବୋଲି ପୂଜକ ସୂଚନା ଦେଇଛନ୍ତି।

# କାନଭାସ୍ ପକ୍ଷରୁ ରାଉରକେଲା ଦିବସ ଉଦଯାପିତ

ବଣାଇ,**୧୦/୪(ନି.ପ୍ର):** ରାଉରକେଲା ସେକ୍ଟର ତେର ନମ୍ବର୍ ପଡ଼ିଆରେ କାନଭାସ୍ ତରଫରୁ ରାଉରକେଲା ଦିବସ ପାଳନ କରାଯାଇଅଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ୍ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଯୋଗ ଦେଇଥିଲେ। ପୃଥ୍ୱିରାଜ ହରିଚନ୍ଦନ ସେଠାରେ କହିଥିଲେ ରାଉରକେଲା, ସୁନ୍ଦରଗଡ଼ର ଐତିହ୍ୟ କୁ ସ୍ମରଣ କରିବା ଓ ପାଳନ କରିବା ଯଥାର୍ଥ ଓଡିଶା ସହିତ ରାଉରକେଲା ର ବିକାଶ ତାଳ ଦେଇ ଚାଲିବ ବୋଲି କହିଥିଲେ। ରଘୁନାଥ ପଲ୍ଲୀ ବିଧାୟକ ଦୁର୍ଗା ତନ୍ତୀ ମଧ ନିଜ ବକ୍ତୃତା ରେ ରାଉରକେଲାକୁ ପୌରାଣିକ ଓ ଐତିହାସିକ ବୋଲି ବିବେଚିତ କରିଥିଲେ। ମୁଖ୍ୟ ବକ୍ତା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସତ୍ୟଜିତ୍



ମହାନ୍ତି ରାଉରକେଲାକୁ ଶାନ୍ତ, ସମୃଦ୍ଧ ଓ ଭାଇଚାରାର ସହର ବୋଲି କହିଥିଲେ। ପଶ୍ଚିମାଞ୍ଚଳ ପୋଲିସ୍ ଡିଆଇଜି ବ୍ରିଜେଶ ରାୟ ରାଉରକେଲା ସୁନ୍ଦରଗଡ଼ ର କଳା ଓ ସଂସ୍କୃତି ନିଆରା ବୋଲି କହିଥିଲେ। ଆବାହକ ସୁରେଶ ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ରେ ନବୀନ୍ ଦାସଙ୍କୁ ଉତ୍କଳ ରତ୍ନ, ଗଣେଶ ବାଗଡିଆଙ୍କୁ ରାଉରକେଲା ରତ୍ନ, ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଙ୍କୁ ରାଉରକେଲା ରତ୍ନ ଓ ରାଜସ୍ଥାନ ସେବା ସଦନ ଅନୁଷ୍ଠାନ କୁ ରାଉରକେଲା ସନମାନରେ ସମ୍ମାନିତ କରାଯାଇ ଥିଲା।

# ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ ଅବସରରେ ଆୟୋଜିତ ହେଲା କର୍ମଶାଳା

ବଣାଇ **୧୦/୪(ନି.ପ୍ର):** ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ ଅବସରରେ ସୁନ୍ଦରଗଡ ଜିଲ୍ଲାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିନରେ ଏକ ସମାବେଶ ଓ କର୍ମଶାଳାର ଆୟୋଜିତ କରାଯାଇଥିଲା। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଇଥିଲେ। ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗ ଦେଇ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନା ବାବଦରେ ସୂଚନା ଦେଇଥିଲେ। ଏଥିସହ ସେମାନଂକ ଅଧିକାର ବିଷୟରେ ସୂଚନା ଦେବା ସହ ସରକାରଙ୍କ ଯୋଜନାର କିଭଳି ସେମାନେ ଲାଭାର୍ଥି ହୋଇପାରିବେ ସେ ଦିଗରେ ସମସ୍ତେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ସାଧବୀ ଦେହୁରୀଆ, ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ରାଉରକେଲା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରିଣୀ ଦର୍ଶନୀ ଏକ୍କା, ସିଭିଲ ଟାଉନସିପ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରବୀଣା ହରିଚନ୍ଦନ ଓ ରାଉରକେଲା ମହାନଗର ନିଗମର ବିଏସଏସଓ ମାକ୍ସୱେଲ ଟୋପୋ ଯୋଗ ଦେଇ ନିଜର ମତ ରଖିଥିଲେ ।

# ସଂପାଦକୀୟ

## ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ

କରୋନା କାଳରେ ମଧ୍ୟ ଦେଶର ବିକାଶ ହାର ସାଢ଼େ ଦଶ ପ୍ରତିଶତ ଉପରେ ରହିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜର ଅପ୍ରେଲ ତ୍ରୈମାସିକ ଆର୍ଥିକ ନୀତି ସମୀକ୍ଷା ପରେ କହିଥିଲେ। ସଂକ୍ରମଣ ବୃଦ୍ଧି ସହିତ ଦେଶର ଅଧିକାଂଶ ରାଜ୍ୟରେ ଆଶିଂକ ଲକ୍‌ଡାଉନ ଲାଗିଥିବା ବେଳେ ସରକାର ଆର୍ଥିକ କାରବାର ଚଳାଇ ରଖିବା ଲାଗି ବ୍ୟବସ୍ଥା ଘୋଷଣା କରିଛନ୍ତି। ଦେଶର କର୍ପୋରେଟ ପ୍ରତିନିଧି କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ପକ୍ଷରୁ ଦେଶର ୧୫୦ ଟପ୍ ସିଇଓ ମାନଙ୍କର ଏକ ସର୍ଭେ ହୋଇଥିଲା। କରୋନାର ଦ୍ୱିତୀୟ ଲହର ବେଳେ ବ୍ୟବସାୟ ଓ ଉଦ୍ୟୋଗ ସେଭଳି ପ୍ରଭାବିତ ହୋଇନି ବୋଲି ସେମାନେ ମତ ଦେଇଥିଲେ। ତେବେ ମୁଦ୍ରାସ୍ଫୀତି ବୃଦ୍ଧି ଓ ଜିଡ଼ିପି ତଳକୁ ଯିବା ନେଇ ସେମାନେ ଭିନ୍ନ ଭିନ୍ନ ମତ ଦେଇଥିଲେ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଦର ଲଗାତାର ବଢ଼ିବାରେ ଲାଗିଛି। ଏହାକୁ ତାଳ ଦେଇ ମୁଦ୍ରାସ୍ଫୀତି ମଧ୍ୟ ବଢୁଛି। ଲୋକଙ୍କ ମଧ୍ୟରେ ତ୍ରାହି ତ୍ରାହି ଡାକ। ଦରଦାମ କମିବାର ନାଁ ଗନ୍ଧ ନାହିଁ। କେଉଁଠି ଥମିବ କେହି କହିପାରୁନାହାନ୍ତି। କରୋନା ଯୋଗୁ କୋଟି କୋଟି ଲୋକ ରୋଜଗାର ହରାଇ ଆଜି ବେକାର। ସେହିପରି ସରକାରୀ କର୍ମଚାରୀଙ୍କର ବେତନ କଟାଯାଉଛି। ଘରୋଇ କମଚାରୀଙ୍କ କଥା କିଏ ପଚାରେ। ସେମାନେ ଯେଉଁ ଦୟନୀୟ ସ୍ଥିତିରେ ରହିଛନ୍ତି ସେକଥା ସେମାନେ ହିଁ କହିପାରିବେ। କରୋନା ସଂକ୍ରମଣ ଯୋଗୁ କୋଟି କୋଟି ଲଘୁ , ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ହୁଏତ ବନ୍ଦ ହୋଇଗଲାଣି ଅଥବା ବନ୍ଦ ହେବା ସ୍ଥିତିରେ ଆସି ପହଞ୍ଚିଗଲାଣି। ଯଦିଓ ବ୍ୟାଙ୍କରୁ ପୁଣି ଋଣ ନେଇ ନିଜର ଉଦ୍ୟୋଗକୁ ପୁନରୁଜ୍ଜୀବିତ କରିବା ଲାଗି କେନ୍ଦ୍ର ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି ସତ କିନ୍ତୁ ଋଣ ନେବାକୁ କେହି ମଙ୍ଗୁ ନାହାନ୍ତି, କି ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। କାରଣ କରୋନାର ଅନିଶ୍ଚିତତା ଭିତରେ ବକେୟା ଋଣ ଅର୍ଥ ଫେରିପାରିବା ନେଇ ବ୍ୟାଙ୍କଗୁଡ଼ିକ ସନ୍ଦିହାନ ଅଛନ୍ତି। ସୁଧ ହାର ସର୍ବନିମ୍ନ ସ୍ତରରେ ଥିଲେ ମଧ୍ୟ ବ୍ୟବସାୟୀମାନେ ଋଣ ନେବାକୁ ଆଗ୍ରହ ଦେଖାଉ ନ ଥିବାରୁ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ଚାଲୁ ହେବା ନେଇ ଅନିଶ୍ଚିତତା ଲାଗି ରହିଛି। କରୋନାକୁ ନେଇ ସମସ୍ତଙ୍କ ମନରେ ଆଶଙ୍କା ରହିଛି। ଏହା କେବେ ଶେଷ ହେବ କେହି କହିପାରୁନାହାନ୍ତି। ଏପରି ସ୍ଥିତିରେ ଋଣ ନେଇ ବେପାର ବଢ଼ାଇବାର ରିସ୍କ ବା ବିପଦ ମୁଣ୍ଡାଇବାକୁ ବ୍ୟବସାୟୀମାନେ ପଛଘୁଞ୍ଚା ଦେଉଛନ୍ତି। ଏଭଳି ଏକ ପରିବେଶ ଭିତରେ ରିଜର୍ଭ ବ୍ୟାଙ୍କର ଆକଳନ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ତେବେ ଆର୍ଥିକ ସମାବେଶ ଉପରେ ଭରସା କରି ଆର୍‌ବିଆଇ ଏଭଳି ଆକଳନ କରିଥିବା ମନେ ହେଉଛି। ଗତ କିଛି ବର୍ଷ ମଧ୍ୟରେ ଦେଶରେ ବାଣିଜ୍ୟିକ, ବ୍ୟବସାୟିକ ଅସମାନତା ଦେଖାଯାଉଛି। କେତେକ ଉଦ୍ୟୋଗ ପରିବାର ଦିନକୁ ଦିନ ନିଜର ସମ୍ପତ୍ତି ବଢ଼ାଇ ଚାଲୁଥିବା ବେଳେ କେତେକ ଉଦ୍ୟୋଗ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି। ସେହିପରି ଇଣ୍ଟରନେଟ ଜରିଆରେ ଦେଶବିଦେଶର ବହୁ କମ୍ପାନୀ କରୋନା କାଳରେ ବେଶ ଫାଇଦା ମାରିନେଇଛନ୍ତି। ସେହିପରି ବିକ୍ରି କ୍ଷେତ୍ରରେ ବହୁ ଅନୀୟମିତତା ଦେଖାଯାଇଛି। ଏହି କାରଣରୁ ବ୍ୟବସାୟିକ କ୍ଷେତ୍ରରେ କାରବାରରେ ଅସନ୍ତୁଳ ସୃଷ୍ଟି ହୋଇଛି। ଏହାକୁ ଆର୍‌ବିଆଇ କିପରି ସନ୍ତୁଳନ କରିବ ଦେଖିବାକୁ ହେବ। ଏବେ ଚାହିଦା କମିଯାଇଛି ବୋଲି ଆର୍‌ବିଆଇ ସ୍ୱୀକାର କରିଛି। ଏହାର ପ୍ରଭାବ ଉତ୍ପାଦନ ଉପରେ ପଡିବ ଏହା ସ୍ୱତଃସିଦ୍ଧ କଥା। ବଜାରକୁ ଗତିଶୀଳ କରିବା ବର୍ତ୍ତମାନ ସମୟର ଆବଶ୍ୟକତା। ଅର୍ଥବ୍ୟବସ୍ଥା ସେତେବେଳେ ଦୃଢ଼ ହେବ ଯେତେବେଳେ ଲୋକଙ୍କ କ୍ରୟଶକ୍ତି ବଢ଼ିବ ଓ ରୋଜଗାର ଅଧିକମାତ୍ରାରେ ସୃଷ୍ଟି ହେବ। ବର୍ତ୍ତମାନ ସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଯେ ଉଦ୍ୟୋଗ, ଶିଳ୍ପ ସଂସ୍ଥାଗୁଡ଼ିକରେ ନୂଆ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ପୁରୁଣା ଯେତିକି ଅଛି ସେଥିରୁ ମଧ୍ୟ ଛଟେଇ କରିଦିଆଯାଉଛି। ଫଳରେ ଲୋକଙ୍କର ଆୟ କମିଯାଇଛି ଅଥବା ନାହିଁ କହିଲେ ଚଳେ। ନିଜର ଗୁଜରାଣ ମେଣ୍ଟାଇବାକୁ ଯାଇ ଚାକରି ହରାଇଥିବା ବ୍ୟକ୍ତି ଅନ୍ୟ କାମ କରିବାକୁ ବାଧ୍ୟ ହେଉଛି। ଏଭଳି ସ୍ଥିତିରେ ଲୋକଙ୍କ ନିକଟରେ ଅର୍ଥର ଘୋର ଅଭାବ ଦେଖାଦେଉଛି। ସେମାନେ ଏହି କାରଣରୁ ନିଜର ଖର୍ଚ୍ଚ କମାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ବଡ଼ ପୁଞ୍ଜିପତି ମାନେ ନିଜ ଉଦ୍ୟୋଗରେ ନୂଆ ନିଯୁକ୍ତି କରିବାକୁ ହେବ। ଏହା ହେଲେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ମଧ୍ୟ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଫଳରେ ଲୋକଙ୍କ ନିକଟରେ ଖର୍ଚ୍ଚ କରିବା ଯୋଗ୍ୟ ଅର୍ଥ ଆସିବ ଏବଂ ଲୋକଙ୍କ କ୍ରୟଶକ୍ତି ବଢ଼ିଲେ ଉତ୍ପାଦନ ବଢ଼ିବ ଏବଂ ଦେଶର ଅର୍ଥନୀତି ଗତିଶୀଳ ହୋଇପାରିବ। ଅର୍ଥନୀତିର ଏହି ଶୃଙ୍ଖଳକୁ ପୁଣି ଆରମ୍ଭ କରାଯାଇପାରିବେ ତେବେ ଯାଇ ଦେଶର ଅର୍ଥବ୍ୟବସ୍ଥା ପୁଣି ଗତିଶୀଳ ହେବ।

# କୃତ୍ରିମ ଅମରତ୍ୱ: ମନୁଷ୍ୟ ୧୫୦ ବର୍ଷ ଯାଏ ବଂଚିପାରିବ

ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳ ଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତି କରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଂଚି ରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେ ଦିନ ଯାଏ ବଂଚିପାରିବ, ତାହାର ଉତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧ୍ୟାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନ ଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି। ନେଚର କମ୍ୟୁନିକେସନ ନାମକ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବ ଗୁଣ ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରିନଥାଏ। ଆମେରିକା, ରୁଷିଆ ଓ ବ୍ରିଟେନର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଲ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଂଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ

**ବିପିନ୍ ବିହାରୀ ରାଉତ**

ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଂଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ। କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଂଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି।

ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତା ପ୍ରସାର କରିବା। ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଆମ୍ଭର ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା। ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ତ୍ୱାବଧାନ। ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶିକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି। ଚିକିତ୍ସା କ୍ଷେତ୍ରକୁ ବାଦ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିନ୍ତ ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

**ଡାକ୍ତର ସମ୍ରାଟ କର**

*ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ୍, କଟକ*

# ରାମାୟଣର ୧୧ଟି ସ୍ତମ୍ଭ

ଯୁଗ ଯୁଗ ଧରି ରାମାୟଣ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କୁ ନିଜ ଦିବ୍ୟମୟ ଜୀବନ ପାଇଁ ରାସ୍ତା ଦେଖାଉଛି। ସେହିପରି ରାମାୟଣ ସହିତ ଏଗାଟି କ୍ଷେତ୍ର, ଘଟଣାବଳୀ ସଂଯୋଗ ହୋଇ ରହିଛି। ଏହାରି ଉପରେ ଆସନ୍ତୁ ଆଲୋକପାତ କରିବା।

ଅଯୋଧ୍ୟା : ଅଯୋଧ୍ୟା ହେଉଛି ସେହି ନଗରୀ, ଯେଉଁଠାରେ ଭଗବାନ ରାମ ମନୁଷ୍ୟ ଶରୀର ଧରି ଜନ୍ମ ହୋଇଥିଲେ ଏବଂ ସେହି ସ୍ଥାନ ଯେଉଁଠାରୁ ତାଙ୍କର ୧୪ ବର୍ଷର ବନବାସ ଆରମ୍ଭ ହୋଇଥିଲା। ଅଯୋଧ୍ୟା କୋଶଳ ରାଜ୍ୟର ରାଜଧାନୀ ଥିଲା। ଏହି ରାଜ୍ୟର ଇକ୍ଷାକୁ ରାଜବଂଶରେ ଭଗବାନ ରାମ ଜନ୍ମଗ୍ରହଣ କରିଥିଲେ। ଅଯୋଧ୍ୟାର ଦକ୍ଷିଣ ଭାଗର ଶେଷ ଅଂଶରେ ଥିବା ରାମକୋଟ ହିଁ ଭଗବାନ ରାମଙ୍କ ଅନ୍ତୁଡ଼ିଶାଳ।

ଜନକପୁର : ଜନକପୁର ହେଉଛି ରାମାୟଣର ସେହି ସ୍ଥାନ ଯେଉଁଠାରେ ମା'ସୀତା ଜନ୍ମ ନେଇଥିଲେ ଏବଂ ଭଗବାନ ରାମଙ୍କୁ ବିବାହ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଜନକପୁରର ରାଜା ଜନକ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏହି ଜମି କର୍ଷଣ କରିଥିଲେ ଏବଂ କର୍ଷଣ ସମୟରେ ମାଟି ଭିତରୁ ଏକ ପେଡ଼ି ପାଇଥିଲେ, ଯେଉଁଥିରେ ସୀତା ଥିଲେ। ସେହି କାରଣରୁ ଏହାକୁ ସୀତାମାଢ଼ି ମଧ୍ୟ କୁହାଯାଏ।

ପ୍ରୟାଗ : ଭଗବାନ ରାମ ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରୁ ଗଙ୍ଗାନଦୀ ପାର ହୋଇଥିଲେ ନିଜ ରାଜ୍ୟର ସୀମା ବାହାରକୁ ଯିବା ପାଇଁ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହି ତିନିଜଣ ଆଗକୁ ଯିବା ପୂର୍ବରୁ ଋଷି ଭରଦ୍ୱାଜଙ୍କ ଆଶ୍ରମରେ କିଛି ସମୟ କଟାଇଥିଲେ।

ଚିତ୍ରକୂଟ : ଏହି ସ୍ଥାନ ରାମାୟଣରେ ରାମ ଓ ଭରତଙ୍କ ମିଳନର ସ୍ଥଳ ଭାବରେ ବର୍ଣ୍ଣିତ। ଏହି ସ୍ଥାନରେ ଭରତ ଭଗବାନ ରାମଙ୍କୁ ଦଶରଥଙ୍କ ପରଲୋକ ସମ୍ପର୍କରେ ସୂଚନା ଦେବା ସହ ଅଯୋଧ୍ୟା ଫେରି ରାଜ୍ୟ ଶାସନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଯେତେବେଳେ ରାମ ୧୪ ବର୍ଷ ବନବାସ ପାଇଁ ଅଟଳ ରହିଲେ ସେତେବେଳେ ସେ ଏହିଠାରେ ହିଁ ରାମଙ୍କ ପାଦୁକା ଗ୍ରହଣ କରିଥିଲେ ଏବଂ ରାମ ଅଯୋଧ୍ୟାକୁ ଫେରିବା ପର୍ଯ୍ୟନ୍ତ ଏହି ପାଦୁକାକୁ ରାଜ ସିଂହାସନରେ ସ୍ଥାପନ କରିଥିଲେ।

ଦଣ୍ଡକାରଣ୍ୟ : ଦଣ୍ଡକାରଣ୍ୟ ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହିଠାରେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲା। କିନ୍ତୁ ଯେତେବେଳେ ରାମ ତାକୁ ସ୍ୱୀକାର କରିବାକୁ ମନା କରିଦେଲେ ସେ ନିଜ ଅନ୍ୟ ଦୁଇଭାଇ ଖର ଏବଂ ଦୁଷଣଙ୍କୁ ରାମଙ୍କୁ ଆକ୍ରମଣ ପାଇଁ ପଠାଇଥିଲା, ଯେଉଁମାନେ କି ରାମଙ୍କ ସହ ଯୁଦ୍ଧରେ ପ୍ରାଣ ହରାଇଥିଲେ। ହିନ୍ଦୁ ପୁରାଣ ଅନୁଯାୟୀ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ, କାରଣ ମନୁଷ୍ୟ ନିଜର କୁକର୍ମ ପାଇଁ ପ୍ରାୟଶ୍ଚିତ କରିବା ନିମନ୍ତେ ଏହି ସ୍ଥାନକୁ ସର୍ବୋତମ ବିବେଚିତ କରାଯାଏ। ବର୍ତମାନ ରାମାୟଣ ବର୍ଣ୍ଣିତ ଘୋର ଜଙ୍ଗଲ ଦଣ୍ଡକାରଣ୍ୟ ରହିଛି ଛତିଶଗଡ଼-ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମିଳିତ ଭାବରେ।

ପଂଚବଟୀ : ଦଣ୍ଡକାରଣ୍ୟ ଜଙ୍ଗଲ ମଧ୍ୟରେ ଯେଉଁ ସ୍ଥାନରେ ଭଗବାନ ରାମ ଏକ କୁଟୀର ସ୍ଥାପନ କରି ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ରହୁଥିଲେ ବନବାସ କାଳରେ ସେହି ସ୍ଥାନ ରାମାୟଣରେ ପଂଚବଟୀ ଭାବରେ ବର୍ଣ୍ଣିତ। ଏହି ସ୍ଥାନକୁ ତପବନ ମଧ୍ୟ କୁହାଯାଏ।

କିସ୍କିନ୍ଧା : ରାମାୟଣରେ ଏହା ବାନରମାନଙ୍କ ରାଜ୍ୟ ଭାବରେ ବର୍ଣ୍ଣିତ। ଏହି ସ୍ଥାନର ବର୍ଣ୍ଣନା ରାମାୟଣ ସହ ମହାଭାରତରେ ମଧ୍ୟ ନିଖୁଣ ଭାବରେ ରହିଛି। ବର୍ତମାନ ଏହି ବାନରଙ୍କ ରାଜ୍ୟ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ତୁଙ୍ଗଭଦ୍ରା ନଦୀ ଆଖପାଖରେ ରହିଛି।

ଋଷ୍ୟମୁଖ ପର୍ବତ : ରାମାୟଣରେ ଏହା ରାମଙ୍କ ସହ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ହନୁମାନଙ୍କ ଭେଟସ୍ଥଳୀ। ଯେତେବେଳେ ରାମ ଏବଂ ଲକ୍ଷ୍ମଣ ଅପହୃତା ସୀତାଙ୍କୁ ଖୋଜି ଖୋଜି ଏଠାରେ ପହଂଚିଥିଲେ ସେତେବେଳେ ହନୁମାନଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏହି ଋଷ୍ୟମୁଖ ପର୍ବତରେ ସୁଗ୍ରୀବ ଏବଂ ହନୁମାନ ବାଳୀକୁ ଭୟ କରି ଲୁଚିଥିଲେ। ଋଷ୍ୟମୁଖ ପର୍ବତ ସହ ସଲଗ୍ନ ହୋଇ ରହିଛି ଅଞ୍ଜନେୟ ପର୍ବତ। ରାମାୟଣରେ ଏହି ପର୍ବତର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି, କାରଣ ଏହି ପର୍ବତରେ ହନୁମାନ ଜନ୍ମ ନେଇଥିଲେ।

ରାମେଶ୍ୱରମ୍ : ରାମାୟଣରେ ବର୍ଣ୍ଣିତ ଏହି ସ୍ଥାନରୁ ବାନରସେନା ରାମ ଲଙ୍କାରେ ପହଂଚିବା ପାଇଁ ରାମସେତୁ ନିର୍ମାଣ ଆରମ୍ଭ କରିଥିଲେ। ବିଶ୍ୱାସ କରାଯାଏ ଲଙ୍କାରୁ ଫେରିବା ପରେ ଦେବୀ ସୀତା ଏଠାରେ ଏକ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହିଠାରେ ରାମ ତାଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ କରିବା ପାଇଁ ଶିବଙ୍କୁ ଆରାଧନା କରିଥିଲେ। ରାମେଶ୍ୱରମ୍‌ର ରାମସେତୁ ଚୂନ ପଥରର ଏକ ଶୃଙ୍ଖଳ। ଯାହାକି ତାମିଲନାଡୁର ରାମେଶ୍ୱରମ୍ ଉପଦ୍ୱୀପ ଏବଂ ଶ୍ରୀଲଙ୍କାର ମାନାର ଦ୍ୱୀପକୁ ସଂଯୁକ୍ତ କରିଛି।

ଅଶୋକ ବାଟିକା : ଅଶୋକ ବାଟିକା ରାମାୟଣରେ ବର୍ଣ୍ଣିତ ଏକ ପୁଷ୍ପ ଉଦ୍ୟାନ। ଏହି ଉଦ୍ୟାନ ଥିଲା ରାକ୍ଷସରାଜ ରାବଣଙ୍କର। ସୀତାଙ୍କୁ ପଂଚବଟୀରୁ ଅପହରଣ କରି ଆଣିବା ପରେ ରାବଣ ତାଙ୍କୁ ଏହି ସ୍ଥାନରେ ରଖିଥିଲା। ସୀତା ରାବରଣ ମହଲରେ ରହିବାକୁ ମନା କରି ଏହି ଉଦ୍ୟାନର ଏକ ଅଶୋକ ବୃକ୍ଷ ତଳେ ବସିଥିଲେ, ତେଣୁ ଏହି ସ୍ଥାନ ଅଶୋକ ବାଟିକା।

ତାଲାଇମାନାର : ଭଗବାନ ରାମ ଶ୍ରୀଲଙ୍କାରେ ଯେଉଁ ସ୍ଥାନରେ ପ୍ରଥମେ ପାଦ ଦେଇଥିଲେ ସେଇ ସ୍ଥାନ ତାଲାଇମାନାର। ଏହିଠାରେ ହିଁ ରାବଣର ଶକ୍ତିଶାଳୀ ସେନାଙ୍କ ସହ ରାମଙ୍କର ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ପରେ ରାମ ରାବଣଙ୍କୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜଗାଦିରେ ବସାଇଥିଲେ।

ଲେପାକ୍ଷି : ଆନ୍ଧ୍ରପ୍ରଦେଶରେ ଲେପାକ୍ଷି ନାମକ ଏକ ସ୍ଥାନ ରହିଛି। ରାମାୟଣରେ ରାବଣ ଦ୍ୱାରା ସୀତା ଅପହୃତ ହେଉଥିବାର ଚାକ୍ଷୁଷ ପ୍ରମାଣ ଜଟାୟୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଏଠାରେ ଯୁଦ୍ଧ କରିଥିଲେ ଓ ଏହି ସମ୍ବାଦ ରାମଙ୍କୁ ଜଣାଇବା ପାଇଁ ଭୀଷଣ ଆହତ ଅବସ୍ଥାରେ ଏଠାରେ ଅପେକ୍ଷା କରିଥିଲେ।

ହାମ୍ପି : ସେହି ସ୍ଥାନ ଯେଉଁଠାରେ ରାମ ହନୁମାନଙ୍କୁ ଭେଟିଥିଲେ। ଇତିହାସରେ ମଧ୍ୟ ଏହା ବିଜୟର ସ୍ଥାନ ଭାବରେ ଉଲ୍ଲେଖ ରହିଛି। ଏହି ସ୍ଥାନରେ ପାର୍ବତୀ ଶିବଙ୍କୁ ବିବାହ କରିଥିଲେ ବୋଲି ମଧ୍ୟ ପୁରାଣରେ ବର୍ଣ୍ଣନା ରହିଛି।

ସୀତା କଟୱା : ଯେତେବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଥିଲେ ସେତେବେଳେ ସେ ତାଙ୍କୁ ଏକ ସ୍ଥାନରେ ରଖିଥିଲେ ଯାହା ବର୍ତମାନ ସୀତା କଟୱା ନାମରେ ଖ୍ୟାତ।

ଦିବୁରୁମ୍ପୋଲା : ଦିବୁରୁମ୍ପୋଲା ଶବ୍ଦର ଅର୍ଥ ଶପଥର ସ୍ଥାନ। ଏହି ସ୍ଥାନ ରହିଛି ଶ୍ରୀଲଙ୍କାରେ। ରାବଣ ସହ ଯୁଦ୍ଧରେ ବିଜୟୀ ହୋଇ ଫେରିବା ପୂର୍ବରୁ ସୀତା ସେଠାରେ ଅଗ୍ନି ପରୀକ୍ଷା ଦେଇଥିଲେ।

କାନିଆ ଉଷ୍ଣପ୍ରସ୍ରବଣ : ଶ୍ରୀଲଙ୍କାର ତ୍ରିଙ୍କୋମାଲିରେ ଥିବା କାନିଆ ଉଷ୍ଣପ୍ରସ୍ରବଣ ଠାରେ ସାତଟି ଉତପ୍ତ ଜଳର କୂପ ରହିଛି। ପ୍ରତ୍ୟେକଟି କୂପ ୩-୪ଫୁଟ ଗଭୀର। ବିଶ୍ୱାସ କରାଯାଏ ରାବଣ ନିଜେ ଏହି କୂପଗୁଡ଼ିକ ନିର୍ମାଣ କରାଇଥିଲେ।

ଉଷାଙ୍ଗୋଦା : ଶ୍ରୀଲଙ୍କାରେ ଥିବା ଏହି ସ୍ଥାନକୁ ରାବଣ ନିଜର ପୁଷ୍ପକ ବିମାନ ରଖିବା ପାଇଁ ବ୍ୟବହାର କରୁଥିଲେ ବୋଲି ବିଶ୍ୱାସ କରାଯାଏ।

ବିଶ୍ରାକ : ବିଶ୍ୱାସ କରାଯାଏ ଏହି ସ୍ଥାନ ରାବଣଙ୍କ ଜନ୍ମସ୍ଥାନ। ଏହି ଛୋଟ ଗାଁ ରହିଛି ଉତରପ୍ରଦେଶରେ। ଭାରତରେ ଥିବା ଅଳ୍ପ କେଇଟି ରାବଣ ମନ୍ଦିର ମଧ୍ୟରୁ ଗୋଟିଏ ଏଠାରେ ଅଛି।

ମାଣ୍ଡସୌର : ମଧ୍ୟପ୍ରଦେଶର ଦଶାପୁର ବା ମାଣ୍ଡସୌର ରାମାୟଣର ବର୍ଣ୍ଣନା ଅନୁଯାୟୀ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଜନ୍ମ ସ୍ଥାନ।

ଧନୁଷକୋଡି : ତାମିଲନାଡୁର ପାମ୍ବନ୍ ଦ୍ୱୀପରେ ଏକଦମ୍ ଶେଷ ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଗାଁ ଧନୁଷକୋଡି। ରାମ ଏହିଠାରୁ ସେତୁବନ୍ଧ ଆରମ୍ଭ କରିବାକୁ ବାନରସେନାଙ୍କୁ ପରାମର୍ଶ ଦେଇଥିଲେ ବୋଲି ବିଶ୍ୱାସ କରାଯାଏ।

ନିଲାୱାରୀ : ନିଲାୱାରୀ ଜାଫନାର ଏକ ବିଖ୍ୟାତ ଗ୍ରାମ। ବିଶ୍ୱାସ କରାଯାଏ ଯେତେବେଳେ ବାନରସେନା ଲଙ୍କାରେ ଜଳାଭାବର ସମ୍ମୁଖୀନ ହେଲେ ସେତେବେଳେ ରାମ ପୃଥିବୀ ବକ୍ଷକୁ ଏକ ଶର ମାରି ଏହି ଜଳଉତ୍ସ ସୃଷ୍ଟି କରିଥିଲେ। ଏହି କୂପର ଗଭୀରତା ଆଜି ମଧ୍ୟ ମପାଯାଇ ପାରିନାହିଁ ଏବଂ ଏହି କୂପର ଜଳ କେବେ ମଧ୍ୟ ଶୁଖିନାହିଁ।

ନାଗଫେଣୀ ଗୁମ୍ଫା : ଶ୍ରୀଲଙ୍କାର ସିଗିରିଆରେ ଏକ ଗୁମ୍ଫା ରହିଛି ଯାହାର ପ୍ରାକୃତିକ ଆକାର ନାଗସାପର ଫଣା ପରି। ଏହି ଗୁମ୍ଫାରେ ମଧ୍ୟ କିଛିଦିନ ପାଇଁ ରାବଣ ସୀତାଙ୍କୁ ବନ୍ଦୀ କରିଥିଲା ଓ ଅସୁରୀମାନେ ସେଠାରେ ତାଙ୍କୁ ଜଗି ରହିଥିଲେ।

*ଶିଖରପୁର ଉପରସାହି, କଟକ*



# ସୁଯୋଗକୁ ଅପେକ୍ଷା

ଅଭିନୟ ଏମିତି ଏକ କ୍ଷେତ୍ର ଯେଉଁଠି ଜଣେ କଳାକାରକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। କୌଣସି କାରଣରୁ ଦର୍ଶକଙ୍କ ଦୃଶ୍ୟପଟରୁ ଥରେ ସେ ଅପସରିଗଲେ ପୁଣି ଥରେ ଫେରିବା କଷ୍ଟକର ହୋଇପଡ଼େ। ଅଭିନେତ୍ରୀ ଆଦିତି ଭାଟିଆଙ୍କ ଭାଗ୍ୟରେ ସେପରି କିଛି ଘଟିଛି। ଷ୍ଟାର୍ସ ପ୍ଲସରେ ୨୦୧୯ ଯାଏ ପ୍ରସାରଣ ଜାରି ରହିଥିବା ଲୋକପ୍ରିୟ ଧାରାବାହିକ 'ୟେ ହୈ ମୋହବତେଁ'ର ରୁହି ଭାଲ୍ଲା ଚରିତ୍ର ପାଇଁ ଦର୍ଶକଙ୍କ ପାଖରେ ଏକ ପରିଚିତ ନାଁ ପାଲଟିଥିବା ଆଦିତିଙ୍କ ହାତ ଏବେ ସଂପୂର୍ଣ୍ଣ ଖାଲି। ଆଗରୁ ପାଞ୍ଚଟି ହିନ୍ଦୀ ସିନେମା ଓ ଦଶଟି ଧାରାବାହିକରେ ଅଭିନୟ କରିଥିବା ଆଦିତିଙ୍କର ନା ପୂର୍ବର ଲୋକପ୍ରିୟତା ଫେରିପାରୁଛି ନା ସେ ଅଭିନୟ ଜଗତ୍‌ରେ ସକ୍ରିୟ ରହି ନିଜ ଛବିକୁ ସତେଜ ରଖିପାରୁଛନ୍ତି। କେବଳ ସାମାଜିକ ଗଣମାଧ୍ୟମରେ ନିଜର କିଛି ମନଲୋଭା ଫଟୋ ଛାଡ଼ି ପୁରୁଣା ପ୍ରଶଂସକମାନଙ୍କୁ ଯାହା ଜାବୁଡ଼ି ଧରିବାକୁ ସେ ଚେଷ୍ଟା କରୁଛନ୍ତି। ମୁମ୍ବାଇଠାରେ ୧୯୯୯ ଅକ୍ଟୋବର ୨୯ରେ ଜନ୍ମ ନେଇଥିବା ଆଦିତିଙ୍କର ଶିକ୍ଷାରେ ସେଭଳି ପାରଦର୍ଶିତା ନଥିଲେ ବି ଜଣେ ଶିଶୁ କଳାକାର ଭାବେ ସେ ବେଶ ଅଗ୍ରଣୀ ଥିଲେ। ତେଣୁ ଯୁକ୍ତ ଦୁଇ ପଢ଼ିଥିବା ଆଦିତି ଅଭିନୟ ନିଶାକୁ ଜୀବନର ପେସା କରିବା ଲକ୍ଷ୍ୟରେ ଶୈକ୍ଷିକ ଦୁର୍ବଳତା ପାଇଁ ଆଦୌ ମନସ୍ତାପ କରିନଥିଲେ। ତାଙ୍କୁ ଯେତେବେଳେ ମାତ୍ର ପାଞ୍ଚ ବର୍ଷ, ହିନ୍ଦୀ ଧାରାବାହିକ 'ହୋମ୍ ସ୍ୱିଟ୍ ହୋମ୍' ମାଧ୍ୟମରେ ସେ ରୁପେଲି ପରଦାକୁ ପ୍ରବେଶ କରିଥିଲେ। ତେବେ ତାହାର ଦୁଇ ବର୍ଷ ପରେ ହିନ୍ଦୀ ଫିଲ୍ମ 'ବିବାହ'ରେ ଏକ ସଂକ୍ଷିପ୍ତ ଶିଶୁ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସେଇ ବର୍ଷ ଧାରାବାହିକ 'ଘର କି ଲକ୍ଷ୍ମୀ ବେଟିୟାଁ'ରେ ଅନୁରୂପ କ୍ଷୁଦ୍ର ଚରିତ୍ରରେ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ ତହିଁ ପରବର୍ଷ ହିନ୍ଦୀ ଫିଲ୍ମ 'ସୁଟ୍‌ଆଉଟ୍ ଆଟ୍ ଲୋଖଣ୍ଡ୍ୱାଲା' ଓ 'ଦି ଟ୍ରେନ୍'ରେ ତାଙ୍କର ଭୂମିକା ତାଙ୍କୁ ଆଉଟିକେ ପରିଚିତ କରାଇଥିଲା। ସେହିପରି ଧାରାବାହିକ 'ତୁଝ ସଙ୍ଗ ପ୍ରୀତ ଲଗାଇ ସାଜନା'ରେ ସେ ନିଭାଇଥିବା ତୁଳସୀ ଚରିତ୍ର ମଧ୍ୟ ବେଶ ଆକର୍ଷଣୀୟ ହୋଇପାରିଥିଲା। ତେବେ ମାଟ୍ରିକ୍ ପରୀକ୍ଷା ପରେ ହିନ୍ଦୀ ସିନେମା 'ଚାନ୍ସ ପେ ଡ୍ୟାନ୍ସ'ରେ ତାଙ୍କର ଜଣେ ଅନୁଢ଼ା କିଶୋରୀ ଅବତାରକୁ ଦର୍ଶକ ବେଶୀ ଗ୍ରହଣ କରିଥିଲେ। ଏଥି ସହିତ ୨୦୧୫ରେ ସେ ନିଜର ସ୍ଥିତିକୁ କାଏମ୍ ରଖିବା ଲାଗି ଧାରାବାହିକ 'ଟସନ୍-ଇ-ଇସ୍କ'ରେ କିଛି ପ୍ରଭାବୀ ଛାପ ଛାଡ଼ିପାରିଥିଲେ। ସର୍ବୋପରି ୨୦୧୬ରୁ ୨୦୧୯ ଯାଏ ପ୍ରସାରିତ ସୁଦୀର୍ଘ ଧାରାବାହିକ 'ୟେ ହୈ ମୋହବତେଁ'ରେ ସେ ଆଶାତୀତ ଲୋକପ୍ରିୟତା ହାସଲ କରିଥିଲେ। ଏହି ଅବସରରେ ୨୦୧୭ରେ ମଧ୍ୟ ହିନ୍ଦୀ ସିନେମା 'ସରଗୋସିୟାଁ'ରେ କୌଣସି ମତେ ସାମିଲ ହୋଇ ବଡ଼ ପରଦା ସହ ଯୋଡ଼ି ହୋଇଥିଲେ। ମାତ୍ର ତାହା ପରଠାରୁ ଆଉ ତାଙ୍କୁ କୌଣସି ଫିଲ୍ମ ପାଇଁ ପ୍ରସ୍ତାବ ଆସିନି। ଅପରପକ୍ଷେ, କିଛି ବାସ୍ତବଧର୍ମୀ ଟିଭି ଧାରାବାହିକରେ କେବଳ ପ୍ରତିଯୋଗୀ ସାଜି ଦର୍ଶକଙ୍କ ପାଖରେ ଆପଣାର ହେବାକୁ ସେ ଚେଷ୍ଟା ଜାରି ରଖିଛନ୍ତି। ଏବେ ବୟସ ଖସିନଥିଲେ ହେଁ ହାତରୁ ସମୟ ଖସି ଖସି ଯାଉଛି। ତଥାପି କୌଣସି ସୁଯୋଗ ଅପେକ୍ଷାରେ ଆଦିତି ରହିଛନ୍ତି।

# ଅଟୋ ଚଳାଉଛନ୍ତି ଇଂରାଜୀ ଅଧ୍ୟାପକ




ଅବସର ପରେ ରୋଜଗାର ଚିନ୍ତା। ଅଟୋ ଚଳାଇ ରୋଜଗାର କରୁଛନ୍ତି ଇଂରାଜୀ ଅଧ୍ୟାପକ। ବେଙ୍ଗାଲୁରୁର ଏହି ଉଚ୍ଚ ଶିକ୍ଷିତ ଅଟୋ ଚାଳକଙ୍କୁ ନେଇ ଚର୍ଚ୍ଚା। ଅଟୋ ଚଳାଇବାକୁ ନେଇ ନାହିଁ ସଂକୋଚ। କୁହନ୍ତି, ମୁଁ ରାସ୍ତାର ରାଜା। ଏବେ ଜଣେ ଅଟୋ ଚାଳକଙ୍କୁ ନେଇ ବେଶ୍ ଚର୍ଚ୍ଚା। ତାଙ୍କ ଶିକ୍ଷା, ବୟସ ଏବଂ ଚିନ୍ତାଧାରାକୁ ନେଇ ହିଁ ଆଲୋଚନା। ୭୪ବର୍ଷୀୟ ଏହି ଅଟୋ ଚାଳକ ଉଚ୍ଚ ଶିକ୍ଷିତ। ଜଣେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ। ନାଁ ତାଙ୍କର ପଟାବି ରମନ। ମୁମ୍ବାଇ ପୋଆଇର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ସେ ଅଧ୍ୟାପକ ଭାବେ କାମ କରୁଥିଲେ। କିନ୍ତୁ ଦରମା କମ୍ ଥିଲା। ବେସରକାରୀ ସଂସ୍ଥା ବୋଲି ତାଙ୍କୁ ଅବସର ପରେ ପେନସନ ମଧ୍ୟ ମିଳିଲାନି। ଚାକରି ସରିବା ପରେ ବେଙ୍ଗାଲୁରୁ ଆସିଗଲେ। ସେଠାରେ ତାଙ୍କୁ ତାଙ୍କ ଜାତି ପାଇଁ ତାଙ୍କୁ ଚାକିରି ମିଳିଲାନି। ରୋଜଗାର ପାଇଁ ଶେଷରେ ସେ ଅଟୋ ଚଲାଇବା ଆରମ୍ଭ କଲେ। ଗତ ୧୪ବର୍ଷ ହେବ ସେ ବେଙ୍ଗାଲୁରୁରେ ଅଟୋ ଚଲାଉଛନ୍ତି। ପଟାବି କୁହନ୍ତି, ଅବସର ସମୟରେ ସେ ୧୫ହଜାର ଟଙ୍କା ପାଉଥିଲେ। ଏବେ କିନ୍ତୁ ସେ ଅଟୋ ଚଲାଇ ଦିନକୁ ୭୦୦ରୁ ୧୫୦୦ଟଙ୍କା ରୋଜଗାର କରୁଛନ୍ତି। ଏତିକି ରୋଜଗାରରେ ସେ ତାଙ୍କ ଗର୍ଲଫ୍ରେଣ୍ଡ ଏବଂ ପିଲା ଆରାମରେ ଚଳୁଛନ୍ତି। ଧର୍ମ ପତ୍ନୀଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି ପଟାବି। କାରଣ ତାଙ୍କୁ ଲାଗେ ପତ୍ନୀ ଡାକରେ ବେଳେବେଳେ ଦାସତ୍ୱ ଭାବନା ରହିଯାଏ। ତେଣୁ ପତ୍ନୀଙ୍କୁ ଖୁସି କରିବାକୁ ସେ ତାଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି। ପଟାବି କୁହିଛନ୍ତି, ଅଟୋ ଚଲାଇବା ପାଇଁ ତାଙ୍କୁ ଆଦୌ ସଙ୍କୋଚ ଲାଗେନି। ମତେ ଲାଗେ ମୁଁ ରାସ୍ତାର ରାଜା। ଯେତେବେଳେ ଚାହିଁବି ରାସ୍ତାକୁ ଆସିବି। ଯେତେବେଳେ ଚାହିଁବି ରାସ୍ତାରୁ ଯିବି। ସତରେ ଏସବୁ ପଛରେ ପଟାବିଙ୍କ ଶିକ୍ଷାହିଁ ବଡ କାରଣ ବୋଲି କୁହାଯାଇପାରେ।

# ବ୍ରିଟିଶ ଛାତ୍ରୀଙ୍କ ପ୍ରେମରେ କଏଦୀ



ପ୍ରେମ କାହା ସହିତ କେତେବେଳେ ହେବ ତାହା କହି ହୋଇ ନଥାଏ। ପ୍ରେମ ଜାତି, ଗୋତ୍ର, ଧର୍ମ, ରଙ୍ଗ କିମ୍ବା ଉଚ୍ଚତା ଦେଖେ ନାହିଁ। ଇଂଲଣ୍ଡରୁ ଏଭଳି ଏକ ଅଦ୍ଭୁତ ପ୍ରେମ କାହାଣୀ ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମନୋବିଜ୍ଞାନର ଜଣେ ବ୍ରିଟିଶ ଛାତ୍ରୀ ଜଣେ କଏଦୀ ପ୍ରେମରେ ପଡି ଯାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଛାତ୍ରୀ ଜଣକ ଥରଟେ ହେଲେ ବି କଏଦୀ ସହିତ ଭେଟ କରି ନଥିଲେ କି ତାକୁ ଦେଖି ନଥିଲେ । କେବଳ ଏତିକି ନୁହେଁ ଏହି କୁଖ୍ୟାତ ଅପରାଧୀ ନାମରେ ଛାତ୍ରୀ ଛାତିରେ ଏକ ଟାଟୁ ମଧ୍ୟ ଆଙ୍କିଥିଲେ। ଉକ୍ତ ଛାତ୍ରୀ ଜଣକ ବ୍ରିଟେନର ବ୍ରିଷ୍ଟଲରେ ବସବାସ କରନ୍ତି। ଜ୍ୟାକି ମ୍ୟାକଡାନାଲ୍ଡ ନାମକ ଜଣେ ୩୦ ବର୍ଷ ବୟସର ମନୋବିଜ୍ଞାନ ଛାତ୍ରୀ ୨୦୧୯ରେ 'ଡକ୍ସସ୍ୱର ବ ଚକ୍ସସ୍ୱକ୍ଷଭରକ୍ସ' ପାଇଁ ସାଇନ୍ ଅପ୍ କରିଥିଲେ। ଏହା ପରେ ସେ ୩୧ ବର୍ଷ ଆଲେକଜେଣ୍ଡର୍ ନାମକ ଜଣେ କଏଦୀ ସହ କଥା ହେବା ଆରମ୍ଭ କରିଥିଲେ। ଏହି କଏଦୀ ଡକାୟତି ମାମଲାରେ ଧରାପଡ଼ି ଜେଲ ଯାଇଥିଲା। କଥାବାର୍ତ୍ତା ହେଉହେଉ ଜ୍ୟାକିଙ୍କୁ କଏଦୀର କଣ୍ଠସ୍ୱର ବହୁତ ଭଲ ଲାଗିଥିଲା। ଜ୍ୟାକି ଡକାୟତର କଥାରେ ପ୍ରଭାବିତ ହୋଇ ଭଲ ପାଇ ବସିଥିଲେ। ଏମିତି କି ମନୋବିଜ୍ଞାନ ଛାତ୍ରୀ ୩ ମାସ ମଧ୍ୟରେ କଏଦୀକୁ ସାକ୍ଷାତ ନକରି ଛାତିରେ କୁଖ୍ୟାତ ଅପରାଧୀ ନାମରେ ଟାଟୁ ବି ଆଙ୍କି ଦେଇଥିଲେ। ଏହା ପରେ ସେ ଅପରାଧୀକୁ ଭେଟିବା ପାଇଁ ଆମେରିକାରେ ପହଞ୍ଚିଥିଲେ। ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବା ପରେ ଅପରାଧୀ ନିଜେ ଜେଲରେ ଥାଇ ଛାତ୍ରୀଙ୍କୁ ପ୍ରେମ ପ୍ରସ୍ତାବ ଦେଇଥିଲା। ଏହା ପରେ ଦୁହିଁଙ୍କ ନିର୍ବନ୍ଧ ହୋଇଯାଇଥିଲା।

# ଅପରାଜିତା ଫୁଲରୁ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରରଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ। ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା' ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ। ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ। ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ। କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।



# ହଲିଉଡ୍‌ରେ ରିଚା ଚଢା

ବଲିଉଡ୍‌ର ଜଣାଶୁଣା ସୁନ୍ଦର ଏବଂ ଷ୍ଟାଇଲିଶ ଦେଖାଯାଉଥିବା ରିଚା ଚଢା ଖୁବ୍ ପରିଚିତ। ସେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅଲଗା ଅଲଗା ଚରିତ୍ର ପାଇଁ ବେଶ ଲୋକପ୍ରିୟ। ତାଙ୍କୁ ନେଇ ଏବେ ନୂଆ ଖବର ଶୁଣିବାକୁ ମିଳୁଛି। ବର୍ତ୍ତମାନ ବଲିଉଡରେ ନିଜର ଦମ୍‌ଦାର ଅଭିନୟ କରିବା ପରେ ଏବେ ହଲିଉଡରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଅଭିନେତ୍ରୀ ରିଚା ଚଢାଙ୍କୁ ହଲିଉଡ ଫିଲ୍ମ ଆପ୍ରୋଚ କରାଯାଇଛି। କୁହାଯାଉଛି କି ତାଙ୍କୁ ବଡ ଅଫର ମଧ୍ୟ ମିଳିଛି। ରିଚା ଏଥିରେ ରାଜକୀୟ ମାଲିକାଣୀ ଭୂମିକାରେ ନଜର ଆସିବେ। ଏହି ପ୍ରୋଜେକ୍ଟ ପାଇଁ ରିଚା ନିଜର ଟ୍ରେନିଂ ତଥା ତାଲିମ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଏବେ ରିଚା ଘୋଡାଚାଳନାର ଅଭ୍ୟାସ କରୁଛନ୍ତି। ଏହା ପୂର୍ବରୁ ରିଚା ବଏଫ୍ରେଣ୍ଡ ତଥା ଅଭିନେତା ଅଲ୍ଲୀ ଫେଜଲ ସହିତ ବିଗ୍ ବଜଟେ ଫିଲ୍ମରେ ନଜର ଆସିଥିଲେ। ଯାହାର ଫଟୋ ଏବଂ ଭିଡିଓ ନିଜ ଇନଷ୍ଟାଗ୍ରାମରେ ସେୟାର କରିଥିଲେ। ହଲିଉଡରେ ବଏଫ୍ରେଣ୍ଡଙ୍କୁ ସଫଳତା ମିଳିବା ପରେ ଏବେ ରିଚା ମଧ୍ୟ ହଲିଉଡରେ ଏଣ୍ଟ୍ରି ମାରିବାକୁ ଯାଉଛନ୍ତି। ରିଚାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ରିଚା ଏବେ ଅଲ୍ଲୀ ଫୈଜଲଙ୍କୁ ଦୀର୍ଘ ଦିନରୁ ଡେଟ୍ କରୁଛନ୍ତି। ଖବର ଆସିଥିଲା କି ଦୁହେଁ ଖୁବ୍ ଶୀଘ୍ର ବିବାହ କରିବେ । କରୋନା ପାଇଁ ତାଙ୍କ ବିବାହ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଦୁହିଁଙ୍କ ବିବାହକୁ ନେଇ ଅନେକ ଦିନରୁ ତାଙ୍କ ଫ୍ୟାନ୍ସମାନେ ଚାହିଁ ରହିଛନ୍ତି। ରିଚା ଖୁବ୍ ଶୀଘ୍ର 'ଫୁକରେ ୩'ରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ସୁଟିଂ ଦିଲ୍ଲୀରେ ହେଉଛି। ଏଥିରେ ମଧ୍ୟ ପ୍ରମୁଖ ଭୂମିକାରେ ଅଲ୍ଲୀ ଫୈଜଲ ରହିଛନ୍ତି।

# ଟ୍ରେନ୍‌ରେ ଆବଶ୍ୟକ ହୁଏ ଭିସା ଓ ପାସପୋର୍ଟ




ଭାରତୀୟ ରେଲୱେ ବିଶ୍ୱର ଚତୁର୍ଥ ଏବଂ ଏସିଆର ଦ୍ୱିତୀୟ ସବୁଠାରୁ ବଡ ରେଲୱେ ନେଟୱର୍କ। ଭାରତରେ ସମୁଦାୟ ୮୩୩୮ ରେଲୱେ ଷ୍ଟେସନ ଅଛି। କିନ୍ତୁ ଜାଣିଛନ୍ତି କି ଦେଶରେ ଏମିତି ଏକ ରେଲୱେ ଷ୍ଟେସନ ଅଛି ଯେଉଁଠିକି ଯିବା ପାଇଁ ଆପଣଙ୍କୁ ଭିସା ଏବଂ ପାସପୋର୍ଟ ଆବଶ୍ୟକ ପଡିଥାଏ। ଯଦି କେହି ବିନା ଭିସାରେ ଯାଏ ତେବେ ତାକୁ ଜେଲ୍ ଯିବାକୁ ପଡିପାରେ। ଏହି ରେଲୱେ ଷ୍ଟେସନର ନାଁ ଅଟାରୀ। ଏବେ ଏହି ଷ୍ଟେସନ ଅଟାରୀ ଶ୍ୟାମ ସିଂହ ଷ୍ଟେସନ ନାଁରେ ଜଣାଯାଏ। ଏଠାକୁ ଯିବା ପାଇଁ ପାକିସ୍ତାନୀ ଭିସା ବାଧ୍ୟତାମୂଳକ କରିଦିଆଯାଇଛି। ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସିରେ ୨୪ ଘଣ୍ଟା ଘେରିରହିଥିବା ଏହି ରେଲୱେ ଷ୍ଟେସନକୁ ବିନା ଭିସାରେ ପହଞ୍ଚିଲେ ଦେଶର କୌଣସି ବି ନାଗରିକ ବିରୁଦ୍ଧରେ ୧୪ ଫରେନ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇପାରେ। ଏହି ରେଲୱେ ଷ୍ଟେସନରୁ ଦେଶର ସବୁଠାରୁ ଭିଭିଆଇପି ଟ୍ରେନ୍ ସମଝୌତା ଏକ୍ସପ୍ରେସକୁ ଗ୍ରୀନ୍ ସିଗନାଲ୍ ମିଳେ। କହିରଖୁଛୁ ସମଝୌତା ଏକ୍ସପ୍ରେସ କଶ୍ମୀରର ଧାରା ୩୭୦ ହଟିବା ପରଠୁ ବନ୍ଦ ଅଛି। ଏହା ଦେଶର ପ୍ରଥମ ରେଲୱେ ଷ୍ଟେସନ ଯେଉଁଠି ଟ୍ରେନକୁ ସବୁଜ ପତାକା ଦେଖାଇବା ପାଇଁ ସୀମା ଶୁଳ୍କ ବିଭାଗ ସହିତ ଟ୍ରେନରେ ବସିଥିବା ଯାତ୍ରୀଙ୍କଠୁ ଅନୁମତି ନିଆଯାଏ। ଏହା ହେଉଛି ଦେଶର ଶେଷ ରେଲୱେ ଷ୍ଟେସନ। ଏହାର ଗୋଟେ ପଟେ ଅମୃତସର ଏବଂ ଅନ୍ୟ ପଟେ ଲାହୋର। ଟ୍ରେନ୍ ବନ୍ଦ ହେବା ପରେ ମଧ୍ୟ ଷ୍ଟେସନରେ ସବୁବେଳେ କିଛି ନା କିଛି ଜରୁରି କାମ ଚାଲିଥାଏ।

## ବିଜେପି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ



ବିଷମକଟକ **୧୦/୪(ନି.ପ୍ର):** ବିଷମକଟକ ମଣ୍ଡଳ ସଭାପତି ସୋମନାଥ ହିମରିକା ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମ୍ ରେ ଆୟୋଜିତ ବିଜେପି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ରେ ସାମିଲ ହୋଇଛନ୍ତି ।କାର୍ଯ୍ୟକ୍ରମରେ ସାମିଲ୍ ହେବା ସହ କାର୍ଯ୍ୟକର୍ତ୍ତା ଙ୍କ ଘରେ ଦଳୀୟ ପତାକା ଲଗାଇଛନ୍ତି । ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ବିଜେପିର ପ୍ରତି କାର୍ଯ୍ୟକର୍ତ୍ତା ଗରିବ, ଚାଷୀ, ମହିଳା, ଯୁବ ବର୍ଗଙ୍କ ସହିତ ସମାଜର ପ୍ରତିଟି ବର୍ଗର କଲ୍ୟାଣ କୁ ସୁନିଶ୍ଚିତ କରି ବିକଶିତ ଗ୍ରାମ ନିର୍ମାଣରେ ଅମୂଲ୍ୟ ଯୋଗଦାନ ଦେଉଛନ୍ତି ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବାଦଲ ରଣା, ରୋହିତ ଦଣ୍ଡସେନା, ରାଧେଶ୍ୟାମ ହିଆଲ, ରବି ହିକକା, ଅନିଲ କୁମାର ସାହୁ, ସୁନିଲ ଓ୍ୱାଡ଼ାକା, ସାଇରାମ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ରିଷିଡା ରାମଲୀଳା - ଶିବଧନୁ ଭଗ୍ନ ସିତା ବିବାହ ପର୍ଶୁରାମ ଭେଟ ନାଟକ ମଞ୍ଚସ୍ଥ

କର୍ଲାମୁଣ୍ଡା **୧୦/୪(ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜଗନ୍ନାଥ ମନ୍ଦିର କୁମ୍ଭାରପଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦର ପକ୍ଷରୁ ଚାଲୁଥିବା ରାମଲୀଳା ଯାତ୍ରା ଅଭିନୟର ତୃତୀୟ ରଜନୀ ରେ ଜନକ ନଗରରେ ରାମଙ୍କ ଶିବଧନୁ ଭଗ୍ନ ସୀତା ବିବାହ ପର୍ଶୁରାମ ଭେଟ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ରାମ ଭୂମିକାରେ, ବୈବସୁତ ରଣା ଲକ୍ଷ୍ମଣ ସାନ ରଣା,ସିତା ନିମାଇଁ ରଣା,ଜନକ ବିକ୍ରମ ରଣା,ଦଶରଥ ନବିନ ରଣା, ପର୍ଶୁରାମ ସୁଶାନ୍ତ ମଲ୍ଲିକ,ବିଶ୍ୱାମିତ୍ର ଲକ୍ଷ୍ମଣ ରଣା, ପ୍ରମୁଖ ଅଭିନୟ କରିଥିବା ବେଳେ ପୁରାଣପଣ୍ଡା ଦାୟିତ୍ୱ ମୋହନ ଲାଲ ରଣା ନିର୍ବାହ କରିଥିଲେ। ସଭାପତି ସୁରେନ୍ଦ୍ର ରଣା ସଂପାଦକ ମନୋଜ ରଣା, ସହ ସଂପାଦକ ପ୍ରଦିପ ରଣା, ଉପସଭାପତି ନନ୍ଦୁଲାଲ ରଣା, ସୁଶାନ୍ତ ମଲ୍ଲିକ ଙ୍କ ତତ୍ୱାବଧାନରେ ବାଦ୍ୟଯନ୍ତ୍ର ସହଯୋଗ ଲକ୍ଷ୍ମୀକାନ୍ତ ସେଠ, ତୋଫାନ ମଲ୍ଲିକ, ରମେଶ ବାରିକ, ଶିବ ରଣା ପ୍ରମୁଖ ସହଯୋଗ କରିଥିଲେ।

## ନେକ୍ସସ ହେଲ୍ଥ ଫାଉଣ୍ଡେସନର ରକ୍ତଦାନ ଶିବିର

ନିମାପଡା **୧୦/୪(ନି.ପ୍ର):** ନେକ୍ସସ ହେଲ୍ଥ ଫାଉଣ୍ଡେସନର ମାର୍ଗଦର୍ଶକ୍ ସସ୍ମିତା ଦାସ, ନିର୍ମଳ କୃଷ୍ଣ ମହାନ୍ତି, ଅଲେଖ ମହାରଣା, ଅଭିଜିତ୍ ଜେନା, ରଞ୍ଜନ ମଲ୍ଲିକ, ଜୀବନ ଜ୍ୟୋତି ସାମନ୍ତ ସିଂହାର, ,ସତ୍ୟନରାୟଣ ସାହୁ ଆଦେଶ କ୍ରମେ । ରକ୍ତଦାନ ଶିବିର କର୍କଟ ରୋଗୀ ମାନଙ୍କ ପାଇଁ ଉତ୍କଳ ମଣି ସ୍ମୃତି ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ର ପ୍ରିନ୍ସିପଲ୍ ସତ୍ୟ ଶିବ ସୁନ୍ଦର ମିଶ୍ର ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀରାମ ଚନ୍ଦ୍ର ପୁର ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ଆସିଥିଲେ ।ଏହାକୁ ନେକ୍ସସ ହେଲ୍ଥ ଫାଉଣ୍ଡେସନର ସଭାପତି ସୁବ୍ରତ ମଲ୍ଲିକ ।ସଦସ୍ୟ ଶ୍ରୀକ୍ତନ୍ ସାହୁ, ରାଜେଶ୍ ଜେନା ପରିଚାଳନା କରିଥିଲେ । କଲେଜ ର ଜାତୀୟ ସେବା ଯୋଜନା ର ପ୍ରକାଶ କୁମାର ସାହୁ , ରେଡକ୍ରସ୍ ର ଜିତେନ୍ କୁମାର ଦାସ ସହଯୋଗ କରିଥିଲେ କରିଥିଲେ ।ଏଥିରେ ୨୫ ୟୁନିଟ ସଂଗ୍ରହ ହୋଇଥିଲା।

# ଆନ୍ଧ୍ର ପଡ଼ାରେ ଚୋର ଆତଙ୍କ

## କଲାକନା ବୁଲାଇ ଚମ୍ପଟ୍ ମାରିଲେ ଚୋର

ବରଗଡ **୧୦/୪(ନି.ପ୍ର):** ବରଗଡ଼ ନିଶା ର ଗଡ ସାଙ୍ଗକୁ ଚୋର ଡକାୟତ ଙ୍କ ଗଡ ପାଲଟି ଅବକାରୀ ଓ ପୋଲିସ ବିଭାଗ ର କିଛି ଅସାଧୁ ଅଧିକାରୀ ମାନଙ୍କ ସ୍ୱାର୍ଥ ଲାଳସା ରେ ଅବାଧରେ ଚୋରା ନିଶା କାରବାର ହୁ ହୁ ହୋଇ ବଢ଼ିବାରେ ଲାଗିଥିବା ବେଳେ ବେପାରୀ ସହ କିଛି ସରକାରିଆ ଦରମା ନିଅଣ୍ଟ ବାବୁ ମାନେ ମାଲାମାଲ ହେଉଥିବା ବେଳେ ଯୁବ ପିଢ଼ି ନିଶାରେ ଲାଳାୟିତ ହୋଇ ଦିନକୁ ଦିନ ନୂଆଁ ନୂଆଁ ଘଟଣା ଦୁର୍ଘଟଣା ମାନ ସାମ୍ନାକୁ ଆସି ନୀରିହ ଜୀବନ ନଷ୍ଟ ହେବାକୁ ଲାଗିଛି ।ଅଞ୍ଚଳରେ ନିଶା କାରବାର ସହ ଚୋର ଡକାୟତ ଙ୍କ ଦୌରାତ୍ମ୍ୟ ରେ ଲୋକେ ସୁରକ୍ଷିତ ମଣୁ ନାହାନ୍ତି ।କେବଳ ସେତିକି ନୁହେଁ ସରକାର ଙ୍କ ସରକାରୀ ମଦ ଦୋକାନ ଗୁଡ଼ିକ ବେନିୟମ ଭାବରେ ଜନ ଗହଳି ମଝି ତଥା ସରକାରୀ ସ୍କୁଲ କଲେଜ୍ ହେଉ କି ଦପ୍ତର ହେଉ ଚାରି ଆଡ଼େ ମଦ ଦୋକାନ ସହ ବୋତଲ ଗଡୁଛି। ଅବକାରୀ ଓ ପୋଲିସ ବିଭାଗ ର ନିଷ୍କ୍ରିୟତା ଯୋଗୁଁ ଢ଼ାବା,ପାନ ଦୋକାନ, ହୋଟେଲ, ଦୋକାନ ବଜାର ତଥା ମୁଖ୍ୟ ଜାତୀୟ ରାଜପଥ କଡ଼ରେ ଚୋରା ମଦ କାରବାର ଜାରି ରଖି ମଦ ମାଫିଆ ଲୋକଙ୍କୁ ଶୋଷଣ କରି ଆସୁଥିବା ବେଳେ ପ୍ରଶାସନ ନିଜ ସ୍ୱାର୍ଥ ହାସଲ କରି ଚେଇଁ ଶୋଇଛି ।ଯଦ୍ୱାରା ଅଞ୍ଚଳରେ ନିଶା କାରବାର ସହ ଚୋର ଡକାୟତ ମାନ ନୂଆଁ ନୂଆଁ ଘଟଣା ଭିଆଇ ପୋଲିସ କୁ ଚକମା ଦେଉଛନ୍ତି ।କିଞ୍ଚିତ ଉଦାହରଣ ସ୍ୱରୂପ ଅତାବିରା ଥାନା ଅନ୍ତର୍ଗତ ଚକୁଳି ଫାର୍ମ କୋଶଳ ସ୍କୁଲ ନିକଟରେ ଥିବା ନୂଆଁ ଖଇରପାଲି କେନାଲ କଡ଼ରେ ରହିଛି କେ ସାବିତ୍ରୀ ଙ୍କ ଘର ।ସେ ଗୋଟିଏ ମାସ ହେବ କର୍ଣ୍ଣାଟକ ଜିନ୍ଦଲ ରେ କାମ କରୁଥିବା ପୁଅ କେ ସତିଶ କୁମାର ସହ ରହୁଥିଲେ ।ଇତି ମଧ୍ୟରେ ଘର ସମ୍ମୁଖରେ ରହୁଥିବା କେ ସାବିତ୍ରୀ ଙ୍କ ମାଁ ଲକ୍ଷ୍ମୀ ଓ ବଡ ଭଉଣୀ ଙ୍କୁ ଘର ଦେଖାଦେଖି କରିବା ପାଇଁ କହି ପୁଅ ସହ ଯାଇ ରହୁଥିଲେ ଏବଂ ସାବିତ୍ରୀ ଙ୍କ ବଡ ଭଉଣୀ ଙ୍କ ସ୍ୱାମୀ ଘର ଦେଖରେଖ ସହ ଘର ଜଗୁଥିଲେ ।ହେଲେ ତାଙ୍କ ଶରୀର ଅସୁସ୍ଥତା ଯୋଗୁଁ ସାବିତ୍ରୀ ଙ୍କ ଘରେ ନରହି ସମ୍ମୁଖରେ ଥିବା ନିଜ ଘରେ ପାଞ୍ଚ ଦିନ ହେବ



ଶୋଇ ଆସୁଥିଲେ ।ଦୃର୍ବୃତ୍ତ ମାନେ ଏହି ସୁଯୋଗ ନେଇ ତାଲା ଭାଙ୍ଗି କଲାକନା ବୁଲାଇ ଚମ୍ପଟ ମାରି ଥିଲେ ।ସାବିତ୍ରୀ ଙ୍କ ଘରେ ପ୍ରତ୍ୟହ କାର୍ଯ୍ୟରତ ଥିବା ଜୟୁଆ ନାମକ ଏକ ଯୁବକ ସାବିତ୍ରୀ ଙ୍କ ମାଁ ଙ୍କ ଘରୁ ଚାବିକାଠି ନେଇ ଆଜି ସକାଳ ୬ଟା ରେ ଗେଟ ଖୋଲି ସଫା ସୁତୁରା କରିବା ପାଇଁ ଯାଇ ଥିବାବେଳେ ଦେଖିବା ମାତ୍ରେ ଭିତର ଗେଟ ର ତାଲା ଭାଙ୍ଗି ତଳେ ପଡିଥିବା ଦେଖି ସାବିତ୍ରୀ ଙ୍କ ସମ୍ମୁଖରେ ଥିବା ମାଁ ସହ ଆଖପାଖ ବନ୍ଧୁ ପରିଜନଙ୍କୁ ଖବର ଦେବା ମାତ୍ରେ ସାବିତ୍ରୀ ଙ୍କ ପୁତୁରା ଭି ଶେଖର ଥାନା କୁ ଖବର ଜଣାଇ ଥିଲେ ।ଖବର ପାଇ ଘଟଣା ସ୍ଥଳ ରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ସହ ସମ୍ବଲ ପୁର ସାଇଣ୍ଟିଫିକ୍ ଟିମ୍ ଅଧିକାରୀ ବିଜୟ ଲକ୍ଷ୍ମୀ ତିର୍କି ଅନୁସନ୍ଧାନୀ କୁକୁର ସହ ଦଳ ବଳ ପହଞ୍ଚି ଅଧିକରୁ ଅଧିକ ତଦନ୍ତ କରିବା ସମୟରେ ଭିତରେ ରହିଥିବା ଦୁଇଟି କୋଠରୀ ର ଗେଟ ତାଲା ଭାଙ୍ଗିବା ସହ ଆଲମୀରା ଓ ଲକର ର ତାଲା ଭାଙ୍ଗିବା ସହ ଆସବାବ ପତ୍ର ଏପଟ ସେପଟ ଫିଙ୍ଗି ଦେଇ ମୂଲ୍ୟ ବାନ ଜିନିଷ ପତ୍ର ନେଇ ଫେରାର ମାରି ଥିବା ଅନୁମାନ କରାଯାଉଛି ।ଯାହା ଖବର ପାଇ କେ ସାବିତ୍ରୀ ପୁଅ ଙ୍କ ସହ ଆସି ଦେଖିବା ମାତ୍ରେ ଚୋରି ହୋଇଥିବା ସମ୍ପୂର୍ଣ୍ଣ ଆକଳନ ଜଣା ପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି ।ଅନ୍ୟ ପଟେ ଅତାବିରା ଥାନା ଅଞ୍ଚଳରେ ବିଗତ ଦିନ ମାନଙ୍କରେ ଚୋରୀ ଡକାୟତି ସହ ଲୁଟ ମାର,ପୋଲିସ ର ନାକ ତଳୁ ନିଶ (ଦୁର୍ଗା ମନ୍ଦିର) ଚୋରୀ,ଜାଙ୍ଗେଡ ଭାଲୁପତ୍ରା ପାର୍ଶଲ ବୋମା ବିସ୍ଫୋରଣ,ଗୁଳି ଚାଳନା ଭଳି କାଣ୍ଡ ମାନ ଘଟିଯାଇଥିବା ବେଶ୍ ନଜିର ରହିଛି ।

## ରାଧା ଗୋବିନ୍ଦ ସଂକୀର୍ତ୍ତନ କମିଟୀ ପକ୍ଷରୁ ଷୋହଳ ପ୍ରହରୀ



ମୟୂରଭଞ୍ଜ **୧୦/୪(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ଥ ରାଧା ଗୋବିନ୍ଦ ସଂକୀର୍ତ୍ତନ କମିଟୀ ଜାମଦା ପକ୍ଷରୁ ଷୋହଳ ପ୍ରହରୀ ଅନୁଷ୍ଠିତ ହୋଇଯାଇଛି । ନିତ୍ୟାନନ୍ଦ, ଅରୁଣମହାନ୍ତ, ଘୁଣ୍ଟିଆଡିହି, ରାଇମଂଙ୍କୁ, କମଲପୁର, ଅଶୋକରଣା ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରି ସେମାନଙ୍କ ଭକ୍ତି ପୂର୍ଣ୍ଣ ନାମ ସଂକୀର୍ତ୍ତନ ଓ ଆକର୍ଷଣୀୟ ବେଶଭୂଷାରେ ନୃତ୍ୟ ପରିବେଷଣ କରି ଭକ୍ତବୃନ୍ଦଙ୍କ ମନ କିଣି ନେଇଥିଲେ । ସବୁଦିନ କମିଟି ତରଫରୁ ଅନ୍ନପ୍ରସାଦ, ଖିରୀଖେଚୁଡ଼ି,ମାଲପା ଆଦି ମିଷ୍ଟାନ୍ନ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଂଚଳରୁ ବହୁ ସଂଖ୍ୟାରେ ହରି ପ୍ରେମୀ ଯୋଗ ଦେଇ ନିଜ ମନର ଠାକୁର ନିତାଇ ଗୌରଙ୍କୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ନେ୍ୱା ସହ ସମାଜର ମଙ୍ଗଳ କାମନା ପାଇଁ ପ୍ରାର୍ଥନା ଭିକ୍ଷା କରିଥିଲେ। ବସ୍ତୁବାଦୀ ଦୁନିଆଁରେ ସୁଖ ଶାନ୍ତିରେ ଜିଇଁବା ପାଇଁ ମୁଖେ କେବଳ ହରିନାମ । ସମଗ୍ର ଅଂଚଳରେ ହରିବୋଲ ଉଚାରଣରେ ଏକ ଭକ୍ତିମୟ ପରିବେଶ ହୋଇ ଉଠିଥିଲା ।କମିଟୀର ସଭାପତି ବାବାଜୀ ପରାମାଣିକ, ସମ୍ପାଦକ ରତ୍ନାକର ଦାସ,ଅଜୟ ପ୍ରଧାନ,ସରୋଜ ଦାସ, ନିତ୍ୟାନନ୍ଦ ଦାସ,ମନୋଜ ଦାସ,ସୁମନ୍ତ ଦାସ,ଶୁଭେନ୍ଦୁ ପ୍ରଧାନ ସଂଜୟ ଦାସ,ବାବୁଲୁ ବେହେରା,ସତଦଲ ରଣା ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ ।

## ମଦ ଜବଦ ୪ ଗିରଫ

ପାଟଣା **୧୦/୪(ନି.ପ୍ର):** ପାଟଣା ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମହୁଲି ମଦ ଓ ଭାରତ ତିଆରି ବିଦେଶୀ ମଦ ଜବଦ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି ।ପାଟଣା ର ଧ୍ରୁବ ଚରଣ ସେଠୀ ଙ୍କ ଠାରୁ ୨ ଲିଟର ୭ ଶହ ମିଲିଲିଟର ଭାରତ ତିଆରି ବିଦେଶୀ ମଦ ,ତୁରୁମୁଙ୍ଗା ର ତିଲୋତ୍ତମା ନାଏକ ଙ୍କ ଠାରୁ ୯ ଲିଟର ମହୁଲିମଦ, ଗିଧିବାସ ର ସୁବାସିନୀ ମୁଣ୍ଡା ଙ୍କ ଠାରୁ ୧୦ ଲିଟର ମହୁଲିମଦ, ଚେମେଣା ର ବବିତା ମହାନ୍ତ ଙ୍କ ଠାରୁ ୧୧ ଲିଟର ମହୁଲିମଦ ଅବକାରୀ ବିଭାଗ ଜବଦ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଅବକାରୀ ଥାନାଧିକାରୀ ବଟକୃଷ୍ଣ ରାଉଳ ଓ ସୁନାରାମ ଟୁଡୁ ପ୍ରମୁଖ ଅନ୍ୟ କର୍ମଚାରୀ ମାନେ ଚଢ଼ାଉ ରେ ସାମିଲ ଥିଲେ।

## ସିଆରପିଏଫ ୧୨୭ ବାଟାଲିୟନ ପକ୍ଷରୁ ବୀରତ୍ୱ ଦିବସ ପାଳିତ

ବାଲିଗୁଡ଼ା **୧୦/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ସିଆରପିଏଫର ୧୨୭ ବାଟାଲିୟନ ପକ୍ଷରୁ ସାହସୀ ସୈନିକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦେଶ୍ୟରେ କ୍ୟାମ୍ପ ପରିସରରେ ବୀରତ୍ୱ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ କମାଣ୍ଡାଣ୍ଟ ପଙ୍କଜ ବର୍ମା ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ନିଷ୍ଠା ଏବଂ ଆନ୍ତରିକତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରିଥିବା ବାହିନୀ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିବା ସହ ଏହି ଦିବସର ମହତ୍ୱ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ କ୍ଷ ପରେ ପରେ ୟୁନିଟରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି, ବୀରନାରୀ ଙ୍କୁ ସମ୍ମାନିତ କରିବା, ସୈନିକ ସମ୍ମିଳନୀ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାନ ଆୟୋଜନ କରି ଜବାନ ମାନଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ ହୋଇଥିଲା କ୍ଷ ଏଥିରେ ସମସ୍ତ ଜବାନ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ପିଡିତାଙ୍କୁ ନ୍ୟାୟ ପାଇଁ ରିପୋର୍ଟ ଦାଖଲ ପାଇଁ ବୁଗୁଡା ଆଇଆଇସିଙ୍କୁ ନିର୍ଦ୍ଦେଶ

ବୁଗୁଡା **୧୦/୪(ନି.ପ୍ର):** ଗଞ୍ଜାମ ଜିଲ୍ଲାର ବୁଗୁଡା ପୋଲିସ ଥାନା ଅନ୍ତର୍ଗତ କରସିଙ୍ଗି ପଞ୍ଚାୟତର ପରାଜିତ ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ କରି ପିଡିତା ଜଣଙ୍କ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ଏନେଇ ୧୮୭/୨୫ ପ୍ରକାରେ ଏକ ମାମଲା ରୁଜୁ ହୋଇ ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ଡାକ୍ତରୀ ମାଇନା କରିବା ପରିବର୍ତ୍ତେ ଛାଡି ଦିଆଯାଇଥିଲା। ପରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ମହିଳା ତାଙ୍କୁ ପିଡିତାଙ୍କ ସ୍ୱାମୀ ଓ ତାଙ୍କ ଭାଇମାନେ ମିଶି ଗଣ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ଦେବାପରେ ୧୮୮/୨୫ ପ୍ରକାରେ ଏକ ମିଥ୍ୟା କେଶ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହୋଇ ପୋଲିସକୁ ଅଙ୍ଗୁଳି ଦିର୍ଦ୍ଦେଶ କରିଥିଲେ। ଅବଶ୍ୟ ୧୮୮ କେଶର ପିଡିତାଙ୍କ ମଧ୍ୟ ପୋଲିସ ଡାକ୍ତରୀ ମାଇନା କରିଥିବା ଜଣାପଡିଛି। ଖବର କାଗଜ ରେ ପ୍ରକାଶ ପ୍ରକାରେ ମାନବାଧିକାର କର୍ମୀ ଓକିଲ ରଞ୍ଜିତ କୁମାର ପାତ୍ର ପ୍ରକାଶିତ ଖବରକୁ ଭିତ୍ତିକରି ଓଡିଶା ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ମାନ୍ୟବର ବିଚାରପତି ଗ୍ରହଣ କରି କେଶ ନଂ ୧୦୬୦/୨୦୨୫ ପ୍ରକାରେ ୪/୪/୨୫ ତାରିଖ ଦିନ ଏକ ଅର୍ଡର ସିଟ ବୁଗୁଡା ପୋଲିସ ଆଇଆଇସିଙ୍କ ନିକଟକୁ ପଠାଯାଇ ପିଡିତାଙ୍କୁ ନ୍ୟାୟ ଦେବା ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି କେଶକୁ କମ୍ପରମାଇଜ କରିବାକୁ ଚାପ ପକାଉଥିବା ନେଇ ୧୮୭ କେଶର ପିଡିତା ଦକ୍ଷିଣାଞ୍ଚଳ ପୋଲିସ ଅଧିକାରୀ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଏବଂ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିବା ପରେ ଏହାର ତଦନ୍ତ ଦାୟିତ୍ୱ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନେଇଥିବା ଜଣାପଡିଛି। କାରଣ ଏହି ବିଷୟରେ ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ପିଡିତାଙ୍କୁ ନ୍ୟାୟ ଦେବାକୁ ଦାବି କରିବା ସହ ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଗର୍ଜନ କରିଥିଲେ। ଦୁଷ୍କର୍ମ ମାମଲା ଭଳି ଗୁରୁତର ଘଟଣାରେ ପ୍ରଥମ କେଶରେ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ନକରି ପୋଲିସ ଛାଡି ଦେଇଥିବା ଯୋଗୁଁ ପୋଲିସ ଚାପର ବଶବର୍ତ୍ତୀ ହୋଇଥିବା ସନ୍ଦେହ ଘେରକୁ ଆସିଯାଉଛି।

## ବାଇକ୍ ଦୁର୍ଘଟଣା ରେ ଯୁବକ ମୃତ

ପାଟଣା **୧୦/୪(ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ତୋରାଣି ପୋଖରୀ ନିକଟରେ ଗତକାଲି ଅପରାହ୍ନ ରେ ଅଜଣା ଫାଡ଼ି ଧକ୍କା ରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ଥ ହେବାରୁ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି ।ଦୁର୍ଘଟଣା ରେ ପୋଇପାଣି ଗ୍ରାମ ର ବାଣେଶ୍ୱର ବେହେରା (୨୭) ଓ ଲମ୍ବୋଦର ବେହେରା ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର ହୋଇଥିଲେ ।ଅଧିକ ସଙ୍କଟାପନ୍ନ ଥିବା ବାଣେଶ୍ୱର ଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଉଥିବା ସମୟରେ ଆନନ୍ଦପୁର ନିକଟରେ ବାଣେଶ୍ୱର୍ ପ୍ରାଣ ହରାଇଥିବା ସୂଚନା ମିଳିଛି ।ଲମ୍ବୋଦର ଏବେ କେନ୍ଦୁଝର ରେ ଚିକିତ୍ସାଧୀନ ଅଛନ୍ତି। ଢେଙ୍କିକୋଟ ପୁଲିସ ଘଟଣା ର ତଦନ୍ତ କରିବା ସହ ଘଟଗାଁ ଥାନା କେସ ନମ୍ବର ୧୩୩/୨୦୨୫ ମୂଳେ ଆନନ୍ଦପୁର ରେ ମୃତକ ର ଶବ ବ୍ୟବଚ୍ଛେଦ କରାଇ ମର ଶରୀର ତାଙ୍କ ପରିବାର କୁ ହସ୍ତାନ୍ତର କରିଛି।

## ମହାବିଦ୍ୟାଳୟ ପରିଚାଳନା କମିଟି ଗଠନ ଓ ଖେଳପଡିଆ ଉନ୍ନତିକରଣ ପାଇଁ ଦାବିପତ୍ର ପ୍ରଦାନ

ହିଞ୍ଜିଳିକାଟୁ **୧୦/୪(ନି.ପ୍ର):** ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ୧୯୬୩ ମସିହାରେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସଂପୃକ୍ତ ମହାବିଦ୍ୟାଳୟ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ମାନ୍ୟତା ଲାଭ କରିଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ମେଧାବୀ ଶିକ୍ଷାର୍ଥୀ ମାନେଶ୍ୱର ଏହି ମହାବିଦ୍ୟାଳୟରେ ଶିକ୍ଷା ଅଧ୍ୟୟନ କରୁଛନ୍ତି। ଉତ୍କୃଷ୍ଟ ଶିକ୍ଷାଦାନ ସକାଶେ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ସ୍ୱତନ୍ତ୍ର ପରିଚୟ ରହିଛି। ମହାବିଦ୍ୟାଳୟର ସୁପରିଚାଳନା ସକାଶେ ଖଲ୍ଲିକୋଟ ରାଜ ପରିବାର ଏହାର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ଖଲ୍ଲିକୋଟ ରାଣୀ ସାହେବା ସୁଜ୍ଞାନୀ ଦେଓଙ୍କ ଶାରୀରିକ ଅସୁସ୍ଥତା ଓ ପରବର୍ତ୍ତୀ ସମୟରେ ମୃତ୍ୟୁ ଘଟିବା ପରେ ବର୍ତ୍ତମାନ ସଂପୃକ୍ତ ମହାବିଦ୍ୟାଳୟର ପରିଚାଳନା କମିଟି ଖାଲି ପଡିଛି। ଏହାର ସୁଯୋଗ ନେଇ ଖଲ୍ଲିକୋଟ ରାଣୀ ସାହେବାଙ୍କ କିଛି ନିକଟତର ବ୍ୟକ୍ତିବିଶେଷ ଓ ମହାବିଦ୍ୟାଳୟର କିଛି କର୍ମଚାରୀ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଯଦ୍ୱାରା ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିବା ସହ ଶିକ୍ଷାଦାନରେ ଗୁରୁତର ବିଭ୍ରାଟ ସୃଷ୍ଟି ହେଇଥିବା ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ନୂତନ ପରିଚାଳନା କମିଟି ଗଠନ ପାଇଁ ଦାବି ହୋଇଛି । ଅନ୍ୟପକ୍ଷରେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଗତ ୨୦୨୯ ମସିହା ମହାମାରୀ କୋଭିଡ୍ ସମୟରେ ଅସ୍ଥାୟୀ ବସଷ୍ଟାଣ୍ଡ ଭାବେ ନିର୍ମାଣ କରାଯାଇଥିଲା। ଫଳରେ ସଂପୃକ୍ତ ଖେଳପଡିଆ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇପଡିଛି। ଉକ୍ତ ଖେଳପଡିଆରେ ପ୍ରତିବର୍ଷ ୩ଟି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି । ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ପ୍ରତ୍ୟହ ସକାଳ ଓ ସନ୍ଧ୍ୟା ସମୟରେ ଭ୍ରମଣ କରିବା ସହ ବ୍ୟାୟମ କରୁଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂପୃକ୍ତ ଖେଳପଡିଆର ଉନ୍ନତିକରଣ ସହ ଚର୍ତୁପାର୍ଶ୍ୱର୍ରେ ବୃକ୍ଷରୋପଣ, ପାନୀୟ ଜଳର ସୁବ୍ୟବସ୍ଥା ଓ ଏକ ସ୍ପୋଟର୍ସ ହଷ୍ଟେଲ ନିର୍ମାଣ ପାଇଁ ଦାବି ହୋଇଛି। ? ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ଓ ଖେଳପଡିଆର ଉନ୍ନତିକରଣ ସକାଶେ ହିଞ୍ଜିଳିକାଟୁ ଅଞ୍ଚଳବାସୀ ଓ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗୀୟ ମନ୍ତ୍ରୀ ଓ ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା କହିଛନ୍ତି।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି

ପାଟଣା ,**୧୦/୪(ନି.ପ୍ର):** ପାଟଣା ବ୍ଲକ ଅଞ୍ଚଳର ୨ ଟି ପରୀକ୍ଷା କେନ୍ଦ୍ରରେ ଆଜି ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଷ୍ଟେଜ - ୧ ରେ ଷଷ୍ଠ ଶ୍ରେଣୀ ଓ ଷ୍ଟେଜ-୨ ରେ ନବମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି । ପାଟଣା ଜି. ଏନ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଷ୍ଟେଜ -୧ ରେ ୧୧୬ ଜଣ,ଷ୍ଟେଜ-୨ ରେ ୫୫ ଜଣ ଛାତ୍ରଛାତ୍ରୀ, ପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଷ୍ଟେଜ-୧ ର ୫୨ ଜଣ, ଷ୍ଟେଜ- ୨ ର ୮୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଏହି ଦେଇଥିବା ବ୍ଲକ ସହ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀଙ୍କ ଠାରୁ ପ୍ରକାଶ ।

## ମହିଳା ଙ୍କୁ ଆକ୍ରମଣ ଘଟଣା ରେ ମଦ ବେପାରୀ ଗିରଫ

ପାଟଣା **୧୦/୪(ନି.ପ୍ର):** ଦୁଇଦିନ ତଳେ ଚୋରୀ ମଦ ବିକ୍ରି କୁ ବିରୋଧ କରୁଥିବା ମହିଳା ଙ୍କ ମଧ୍ୟରୁ ସୁକାନ୍ତି ପାତ୍ର ନାମ୍ନୀ ଜଣେ ମହିଳା ଙ୍କ ମୁଣ୍ଡ କୁ ବୋତଲ ମାଡ଼ କରି ଫଟାଇ ଥିବା ଚୋରୀ ମଦ ବେପାରୀ ଯଦୁମଣି ମହାନ୍ତ(୪୬)ଙ୍କୁ ଆଜି ପାଟଣା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।ଯଦୁମଣି ଙ୍କର ଘର ଉଦୟପୁର କୁକୁଡ଼ିଆପଶି ସାହିରେ ।ଗତ ୭ ତାରିଖ ସିଲିପଦା ଗ୍ରାମର ମହିଳା ମାନେ ମଦ ବିକ୍ରି କୁ ବିରୋଧ କରୁଥିବା ସମୟରେ ଯଦୁମଣି ଏକ ବିୟର ବୋତଲରେ ସୁକାନ୍ତି ଙ୍କ ମୁଣ୍ଡ କୁ ଆକ୍ରମଣ କରିଥିଲେ।

## ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ରଜତ ଜୟନ୍ତୀ ସମାରୋହ ଉଦଘାଟିତ



ପାଟଣା **୧୦/୪(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ୩ ଦିନିଆ ରଜତ ଜୟନ୍ତୀ ସମାରୋହ ଆଜି ଉଦଘାଟିତ ହୋଇଛି । ସ୍ଥାନୀୟ ପୁଷ୍କରିଣୀ ରେ ମା ମାନଙ୍କ ଦ୍ୱାରା କଳସ ଯାତ୍ରା ଆରମ୍ଭ ହୋଇ ବିଦ୍ୟାଳୟରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ସଭାପତି ଭାବରେ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟର ସମ୍ପାଦକ ପ୍ରମୋଦ କୁମାର ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ଉଦଘାଟକ ଡ. ସ୍ୱାମୀ ଶୃତି ସାଗରାନନ୍ଦ ସରସ୍ୱତୀ , ସମ୍ମାନୀତ ଅତିଥି ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, କୁଳମଣି ସାହୁ ,ମୁଖ୍ୟବକ୍ତା ଭାବରେ ସମ୍ଭାଗ ସମ୍ପାଦକ ଗଙ୍ଗାଧର କର ଯୋଗ ଦେବା ସହିତ ପ୍ରାକ୍ତନ ଗୁରୁଜୀ ଗୁରୁମା , ପ୍ରାକ୍ତନ ଓ ନୂତନ ପରିଚାଳନା ସମିତି ର ସଭ୍ୟ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ପ୍ରଥମ ଅଧିବେଶନ ସଫଳ କୁ କରିଥିବାବେଳେ ଦ୍ୱିତୀୟ ଅଧିବେଶନ ସନ୍ଧ୍ୟା ୬ଘଟିକା ରେ ଆରମ୍ଭ ହୋଇଥିଲା । ଏଥିରେ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ , ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ , ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ଭାଗବତ ପ୍ରସାଦ ସାହୁ ,ରଜତ ଜୟନ୍ତୀ ସଂଯୋଜକ ମୋଚିରାମ ସାହୁ , ମୁଖ୍ୟ ବକ୍ତା ଭାବରେ ଡ. ସ୍ୱାମୀ ଶୃତି ସାଗରାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଚିତ୍ତ ରଞ୍ଜନ ମହାନ୍ତ ବାର୍ଷିକ ବିବରଣୀ ପଠନ କରିଥିଲେ ।

## ଓଡ଼ିଆ ପକ୍ଷର ନବମ ଦିବସରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ



ବରଗଡ଼ **୧୦/୪(ନି.ପ୍ର):** ଓଡ଼ିଶାର ସମୃଦ୍ଧ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସଂରକ୍ଷଣ ଏବଂ ପ୍ରଚାର କରିବା ଲକ୍ଷ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିବସରେ ଜିଲ୍ଲା ପାଠାଗାର ସହିତ ବିଭିନ୍ନ ବ୍ଲକ, ପୌରାଞ୍ଚଳ ଓ ପୌରପାଳିକା ପରିସର ରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସର ରେ ବହି ବିକ୍ରୟ ଅନୁଷ୍ଠାନଙ୍କ ସହଯୋଗ ରେ ଅସ୍ଥାୟୀ ପୁସ୍ତକ ପ୍ରଦର୍ଶନୀ ତଥା ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା ।ଏହି କେନ୍ଦ୍ରଗୁଡ଼ିକରେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଉପନ୍ୟାସ, ପ୍ରବନ୍ଧ,ନାଟକ ଓ ଶିଶୁ ସାହିତ୍ୟ ଆଦିରେ ଲିଖିତ ବହି ଉପଲବ୍ଧ ଥିଲା ।ପାଠକ ପାଠିକା ଙ୍କୁ ନେଇ ଜିଲ୍ଲା ପାଠାଗାରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ,ଜିଲ୍ଲା ଇ- ପ୍ରସାଶନ ଅଧିକାରୀ ମସ୍ତରାମ ଛନ୍ଦ ଏବଂ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରମୋଦ କୁମାର ସିଂଙ୍କ ସମେତ ମୁଖ୍ୟବକ୍ତା ଡ଼ ରବି ନାରାୟଣ ସାହୁ ଅଭିଯାନର ଉଦ୍ଦେଶ୍ୟ ତଥା ଓଡ଼ିଆ ଭାଷାର ଗୁରୁତ୍ୱ ଓ ଏହାର ସଂରକ୍ଷଣ ପାଇଁ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ ।ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପାଠକ ପାଠିକାଙ୍କୁ ଖଣ୍ଡିଏ ଲେଖାଏଁ ବହି ଏବଂ ପେନ ଉପହାର ଆକାରରେ ପ୍ରଦାନ କରାଯାଇଥିବା ବେଳେ ଜିଲାସ୍ତରୀୟ ଅଧିକାରୀ,କର୍ମଚାରୀ ଓ ସାଧାରଣ ଲୋକେ ନିଜ ପସନ୍ଦର ଓଡ଼ିଆ ବହି ସବୁ କ୍ରୟ କରିଥିଲେ।

## ଭାରସାମ୍ୟ ହରାଇ ଜନନୀ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ



ପାଟଣା **୧୦/୪(ନି.ପ୍ର):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ କପୁଣ୍ଡି ଗ୍ରାମ ପଞ୍ଚାୟତ ର ପଇଦା ବନ୍ଧ ନାଳ ନିକଟରେ ଆଜି ପୂର୍ବାହ୍ନରେ ଏକ ଜନନୀ ଏକ୍ସପ୍ରେସ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ଥ ହୋଇଥିବା ବେଳେ ଡ୍ରାଇଭର ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ସୂଚନାନୁସାରେ ପାଟଣା ରୁ ଧାନବେଣୀ ରାସ୍ତା ଦେଇ ଖଡ଼ିକାପଦା ଅଭିମୁଖେ ଜଣେ ଗର୍ଭବତୀ ଙ୍କୁ ଡ଼ାକ୍ତରଖାନା ନେବାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ର ଦେଖିବାକୁ ମିଳିଛି ।ସୂଚନା ଯୋଗ୍ୟ ଏହି ଜନନୀ ଏକ୍ସପ୍ରେସ ରେ କୌଣସି ରୋଗୀ ନଥିବାବେଳେ ଉକ୍ତ ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା ଘଟଣାସ୍ଥଳ ରେ ଉପସ୍ଥିତ ଜନସାଧାରଣ ଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ।ଡ୍ରାଇଭର ଜଣଙ୍କ ମିରିଗିଖୋଜି ଗ୍ରାମ ପଞ୍ଚାୟତ କଟାବେଢ଼ା ଗ୍ରାମର ଦୟାନିଧି ମହାନ୍ତ ବୋଲି ଜଣା ପଡିଥିବାବେଳେ ଘଟଣା ସ୍ଥଳ ରେ ପାଟଣା ପୁଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ଡାକ୍ତରଖାନା କତୃପକ୍ଷ କ୍ରେନ୍ ସାହାଯ୍ୟ ରେ ଜନନୀ ଏକ୍ସପ୍ରେସ କୁ ଉଠାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଯାଇଥିବା ଜଣାପଡିଛି ।

# ମୋଢ଼ ବଦଳାଇଲା ବିଜେଡି ବିତର୍କ: ପାଣ୍ଡିଆନଙ୍କ ପାଇଁ ଢାଲ

ଭୁବନେଶ୍ୱର,୧୦/୪: କାର୍ତ୍ତିକେୟନ୍ ପାଣ୍ଡିଆନ ଉଭୟ ଦଳ ଓ ରାଜ୍ୟ ପାଇଁ ବହୁତ କାମ କରିଛନ୍ତି। ସେ ୧୦ ମାସ ହେଲା ବିଜେଡି ଛାଡ଼ି ସାରିଛନ୍ତି। ସେ ଦଳର କୌଣସି କାମରେ ସଂପୃକ୍ତ ନାହାନ୍ତି। ତେଣୁ ବିଜେଡିର କୌଣସି ନିଷ୍ପତ୍ତି ପାଇଁ ତାଙ୍କୁ ସମାଲୋଚନା ବା ବଦନାମ କରାଯିବା ଉଚିତ ନୁହେଁ। ବିଜେଡିର ଆଭ୍ୟନ୍ତରୀଣ ରାଜନୀତି ଛଅ ଦିନ ଧରି ହଲଚଲ ହେଲା ପରେ ଆଜି ମୁହଁ ଖୋଲିଛନ୍ତି ସଭାପତି ନବୀନ ପଟ୍ଟନାୟକ। ଆଉ ପାଣ୍ଡିଆନଙ୍କ ସୁରକ୍ଷା କବଚ ଭାବେ ହିଁ ସେ ଗଣମାଧ୍ୟମ ସାମନାକୁ ଆସିଛନ୍ତି। ପାଣ୍ଡିଆନଙ୍କୁ କେବଳ ପ୍ରଶଂସା କରିନାହାନ୍ତି, ବରଂ ତାଙ୍କୁ କୌଣସି ପ୍ରକାର ସମାଲୋଚନା ନ କରିବାକୁ ସେ ବିଜେଡି ନେତାମାନଙ୍କୁ ଚେତାବନୀ ଦେଇଛନ୍ତି। ମୋହରା ସଜାଇଛନ୍ତି ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କୁ। ତାଙ୍କରି ନାମ ନେଇ କହିଛନ୍ତି, 'ପ୍ରଭାତ ତ୍ରିପାଠୀ ବିଜେଡିରେ ନାହାନ୍ତି। ସେ କିଛି ବର୍ଷ ତଳେ ଦଳରୁ ବହିଷ୍କୃତ ହୋଇଛନ୍ତି। ଚିଟ୍‌ଫଣ୍ଡ୍ ମାମଲାରେ ସଂପୃକ୍ତି ଅଭିଯୋଗରେ ସେ ଜେଲ୍ ଯାଇଥିଲେ।' ପ୍ରଭାତଙ୍କ ନାଁ ନେଇ ଅନ୍ୟ ସବୁ ନେତାଙ୍କୁ ପାଣ୍ଡିଆନଙ୍କୁ କିଛି ନକହିବା ପାଇଁ ନବୀନ ସତର୍କ କରାଇ ଦେଇଛନ୍ତି। କେବଳ ଏତିକିରେ ନବୀନ ଅଟକି ନାହାନ୍ତି। ବରିଷ୍ଠ ନେତାମାନଙ୍କୁ ନାଲି ଆଖି ଦେଖାଇଛନ୍ତି। ହୋଟେଲ୍‌ରେ କୌଣସି ଦଳୀୟ ବୈଠକ ପାଇଁ ସେ ଅନୁମତି ଦେଇ ନାହାନ୍ତି। ବୈଠକ କରିବା ପାଇଁ ଶଙ୍ଖ ଭବନରେ ପର୍ଯ୍ୟାପ୍ତ ଜାଗା ଅଛି। ସେଠାରେ ବୈଠକ ନ କରି ହୋଟେଲ୍‌ରେ ବୈଠକ କରିବା ଉଚିତ ନୁହେଁ ବୋଲି କହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ ଯେଉଁ ପ୍ରସଙ୍ଗରେ ନେତାମାନେ ନବୀନଙ୍କଠାରୁ ସ୍ପଷ୍ଟୀକରଣ ଓ କାର୍ଯ୍ୟାନୁଷ୍ଠାନ ଚାହୁଁଥିଲେ, ତାହାକୁ ସେ ଛୁଇଁ ନାହାନ୍ତି। ୱାକଫ୍ ବିଲ୍ ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ ଶେଷ ମୁହୂର୍ତ୍ତରେ କିଏ ଓ କାହିଁକି ବଦଳାଇଥିଲେ, ସେ ସମ୍ପର୍କରେ ନବୀନ କିଛି କହିନାହାନ୍ତି। ଆଜି ଗଣମାଧ୍ୟମକୁ ନବୀନଙ୍କ ପ୍ରତିକ୍ରିୟା ଦେବାର ଶୈଳୀ ବି ଆହୁରି ଆଶ୍ଚର୍ଯ୍ୟଜନକ ଥିଲା। କୌଣସି ଆଞ୍ଚଳିକ ଗଣମାଧ୍ୟମକୁ ସେଠାକୁ ଡକାଯାଇ ନଥିଲା। କେବଳ ଦୁଇଟି ଜାତୀୟ ଏଜେନ୍ସିକୁ ଡାକି ନବୀନ ନିବାସରେ ସେ ଏହି ପ୍ରତିକ୍ରିୟା ଦେଇଥିଲେ। ପରେ ଦଳ ପକ୍ଷରୁ ଏହି ଭିଡିଓ ଗଣମାଧ୍ୟମକୁ ଛଡ଼ାଯାଇଥିଲା। ସାମ୍ବାଦିକଙ୍କ କୌଣସି ପ୍ରଶ୍ନର ଉତ୍ତର ନବୀନ ଦେଇ ନଥିଲେ। ସେ ନିଜେ ଯେତିକି ପ୍ରସ୍ତୁତ ହୋଇଆସିଥିଲେ, ସେତିକି କହିଲେ। ତାହା ପରେ ଭିତରକୁ ଚାଲିଗଲେ। ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଧାୟକ ଓ ପର୍ଯ୍ୟବେକ୍ଷକ ଜିଲ୍ଲା ପରିଷଦ ଉପସଭାପତି ନିର୍ବାଚନ ନେଇ ଆଲୋଚନା କରିବାକୁ ନବୀନ ନିବାସ ଯାଇଥିଲେ। ହଠାତ ନବୀନ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବାକୁ ପୋର୍ଟିକୋ ନିକଟକୁ ଆସିଲା ବେଳେ ସେମାନେ କିଛି ବୁଝିପାରି ନଥିଲେ। କେବଳ ନବୀନଙ୍କ ପଛରେ ଠିଆ ହୋଇ ସୁନା ପିଲା ପରି ସବୁ ଶୁଣିଥିଲେ। ୱାକଫ୍ ବିଲ୍ ଭୋଟିଂ ପରଦିନଠାରୁ ଲଗାତାର ଭାବେ ବିଜେଡିର ନେତାମାନେ ଭିନ୍ନ ଭିନ୍ନ ଗୋଷ୍ଠୀ ହୋଇ ମେଳି କରୁଛନ୍ତି। ଆଜି ମଧ୍ୟ ତିନିଟି ଜାଗାରେ ନେତାମାନେ ଏକାଠି ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ସମସ୍ତେ ଆନୁଗତ୍ୟ ପ୍ରକାଶ କରୁଥିଲେ ବି ଭିକେ ପାଣ୍ଡିଆନଙ୍କୁ ସହିବା ସ୍ଥିତିରେ ନାହାନ୍ତି ବୋଲି ଜଣାଇ ଦେଇଥିଲେ। କିନ୍ତୁ ଆଜି ଖୋଦ୍ ନବୀନ ଦଳୀୟ ନେତାମାନଙ୍କ ଆନୁଗତ୍ୟକୁ ଗୁରୁତ୍ୱ ଦେଇ ନାହାନ୍ତି। ନବୀନଙ୍କ ଏପରି ଆଭିମୁଖ୍ୟ ପରେ ବରିଷ୍ଠ ନେତାମାନେ କ'ଣ କରିବେ, ତାହା ବୁଝିପାରୁ ନାହାନ୍ତି। ଦଳର ନେତାମାନେ ଗଣମାଧ୍ୟମରେ ବୟାନବାଜି ନ କରିବାକୁ ଗତକାଲି ନବୀନ ତାଗିଦ କରିଥିଲେ। କିନ୍ତୁ ତାହା ସତ୍ତ୍ୱେ ଆଜି ବିଭିନ୍ନ ସ୍ଥାନରେ ନେତାମାନେ ଦଳ ଦଳ ହୋଇ ଏକାଠି ହୋଇଥିଲେ। ଚନ୍ଦ୍ରଶେଖପୁରର ଏକ ହୋଟେଲ୍‌ରେ ବରିଷ୍ଠ ନେତାମାନେ ଏକାଠି ହୋଇଥିଲେ। ଅନଙ୍ଗଉଦୟ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟ, ଅଶୋକ ଚନ୍ଦ୍ର ପଣ୍ଡା, ଶଶୀଭୂଷଣ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ପ୍ରଭାତ ତ୍ରିପାଠୀଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ନବୀନଙ୍କ ନେତୃତ୍ୱକୁ ବାହ୍ୟ ଶତ୍ରୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ତାହା କରାଯିବାକୁ ଦିଆଯିବ ନାହିଁ ବୋଲି ଗଣମାଧ୍ୟମରେ ଶଶୀଭୂଷଣ ବେହେରା କହିଥିଲେ। ଅନ୍ୟ ପଟେ ପ୍ରତାପ ଦେବଙ୍କ ଘରେ ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଏକାଠି ହୋଇଥିଲେ। ସାଂଗଠନିକ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ବୋଲି ସେମାନେ କହିଥିଲେ। ବିଜେଡି ଏକ ମହାସମୁଦ୍ର। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି କାହାରି ପ୍ରଶ୍ନବାଚୀ ନାହିଁ। ତେଣୁ ଦଳ ଆଗକୁ ମଜଭୁତ ହେବ ବୋଲି ଅରୁଣ ଗଣମାଧ୍ୟମକୁ କହିଥିଲେ। ସେହିପରି ଗତକାଲି ମେଳି କରିଥିବା ଯୁବ ନେତାମାନଙ୍କୁ ଆଜି ମଧ୍ୟ ନବୀନଙ୍କୁ ଭେଟିବାକୁ ସମୟ ଦିଆଯାଇ ନଥିଲା। ତେବେ ସେମାନେ ସଭାପତିଙ୍କୁ ଚିଠି ଲେଖି ୱାକଫ୍ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ କରିଥିଲେ।

## ପାନୀୟ ଜଳ ସମସ୍ୟା ଉତ୍କଟ

# ଗାଁ ପୋଖରୀ ହିଁ ଭରସା



ଜହ୍ନାପଙ୍କ,୧୦/୪: ବୌଦ୍ଧ ଜିଲ୍ଲାରେ ଖରାର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗତ କିଛି ଦିନ ହେଲା ତାପମାତ୍ରା ୪୦ ଡିଗ୍ରି ଉପରେ ରହୁଛି। ତାପମାତ୍ରାକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଆରମ୍ଭରୁ ରୁଦ୍ଧ ଦ୍ୱାର ବୈଠକରେ ମାର୍ଚ୍ଚ ୨୦ ସୁଦ୍ଧା ପଂଚାୟତର ସବୁ ଛକ ଗୁଡିକରେ ଜଳ ଛତ୍ର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ଏହା କେବଳ କାଗଜ କଲମରେ ଠିକ ଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଦୋକାନ ପାଖରେ ଜଳଛତ୍ର ଖୋଲାଯାଇଥିବା ଯୋଗୁଁ ଏକ ଗୋଲିମେ ଦୋ ଶିକାର ହେଉଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସହର ତଥା ପ୍ରତ୍ୟେକ ଗାଁରେ ଯେମିତି ଲୋକେ ପାଣି ପାଇଁ ହନ୍ତସନ୍ତ ନ ହେବେ ସେଥିପାଇଁ ପ୍ରତ୍ୟେକ ବର୍ଷ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି ହେଲେ ପାନୀୟ ଜଳ ସମସ୍ୟା ସୁଧୁରି ପାରୁନି। ଅଚଳ ସୌର ଚାଳିତ ପ୍ରକଳ୍ପ ମରାମତି କରାଯାଉନଥିବାରୁ ଏହା କେବଳ ଠିକାଦାର ପୋଷଣ ନୀତି ଚାଲିଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଦିଲିପାଲି ଓ ଶରଧାପୁର ଗାଁରେ। ମହିଳାମାନେ ଗରା ବାଲ୍‌ଟି ଧରି ଗାଁ ମୁଣ୍ଡ ବରଗଛ ତଳେ ଅପେକ୍ଷା କରିଛନ୍ତି। ଆପଣମାନେ ଏ ଚିତ୍ରକୁ ଦେଖି ଭାବୁଥିବେ ଯେ ମହିଳାମାନେ ଟ୍ୟାଙ୍କରରେ ଆସୁଥିବା ପାଣି ପାଇଁ ଅପେକ୍ଷା କରିଛନ୍ତି। ହେଲେ ତା ନୁହେଁ ଏହି ରାସ୍ତା ଦେଇ ଯାଉଥିବା ସରକାରୀ ବାବୁ ଓ ପଞ୍ଚାୟତ ସରପଞ୍ଚଙ୍କୁ ଅଭିଯୋଗ ପାଇଁ ଜଗିଛନ୍ତି ହେଲେ ଏହି ବାଟ ଦେଇ କେବେ ହେଲେ ଆସନ୍ତି ନାହିଁ। ଶେଷରେ ନିରାଶ ହୋଇ ଗାଁ ର ଶତାଧିକ ମହିଳା ଗାଁରେ ଅଳ୍ପ ପାଣି ଥିବା ପୋଖରୀରୁ ଗରା ବାଲ୍‌ଟି ଧରି ପାଣି ଆଣିବାକୁ ଯାଇଥାନ୍ତି। ଗାଁରେ ଏକମାତ୍ର ପୋଖରୀ ହିଁ ଭରସା, ଯେଉଁଠିକି ପ୍ରତ୍ୟେକ ଦିନ ଗାଁର ଗୋରୁଗାଈ ଓ ଗାଁର ପିଲାଛୁଆଠୁ ଆରମ୍ଭ କରି ପ୍ରତ୍ୟେକ ଲୋକ ସ୍ନାନ ଶୌଚ କରିଥାନ୍ତି ଏବଂ ସେହି ପାଣିକୁ ଆଣି ଫୁଟେଇକି ପିଇଥାନ୍ତି। ଆଉ କେହି କେହି ୩ କିମି ମହାନଦୀକୁ ଚାଲିଚାଲି ପାଣି ଆଣିବାକୁ ଯାଇଥାନ୍ତି। ଗାଁରେ ୩ଟି ନଳକୂଅ ଥିଲେ ମଧ୍ୟ ନଳକୂଅରୁ ପାଣି ବାହାରୁ ନାହିଁ। ସେପଟେ ପଞ୍ଚାୟତ ତରଫରୁ ୨୦୧୬-୧୭ ମସିହାରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅନୁଦାନରେ ୫ଲକ୍ଷ ୩୫ହଜାର ଟଙ୍କା ରେ ନିର୍ମାଣ ହୋଇଛି ସୋଲାର କ୍ଷୁଦ୍ର ପାନୀୟ ଜଳ ପ୍ରକଳ୍ପ। ତେବେ ନିର୍ମାଣର ୫ରୁ ୬ ମାସ ପରେ ତାହା ମଧ୍ୟ ଅଚଳ ହୋଇ ପଡିଛି। ଗାଁରେ ଏଲ ଏଣ୍ଡଟି ପକ୍ଷରୁ ପାଇପ ପଡି ଷ୍ଟାଣ୍ଡ ପୋଷ୍ଟ ଅଛି ହେଲେ ପାଣି ବାହାରୁ ନାହିଁ। ପ୍ରତ୍ୟେକ ବର୍ଷ ମରାମତି ନାଁରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପାଣି ବୁନ୍ଦାଏଁ ପାଇଁ କିଏ ଗରା ବାଲଟି ଧରି ୩ କିମି ଯିବାକୁ ପଡୁଚି ତ ଆଉ କିଏ ଗାଁ ପୋଖରୀରୁ ଅପରିଷ୍କାର ପାଣି ଆଣି ଫୁଟେଇ ପିଉଛନ୍ତି। ଏ ନେଇକି ଅଭିଯୋଗ କଲେ ବି ଶୁଣୁ ନାହାନ୍ତି କୌଣସି ଅଧିକାରୀ ବା ସରପଞ୍ଚ। ସୂଚନାଯୋଗ୍ୟ ଯେ ପୂର୍ବତନ ପଂଚାୟତିରାଜ, ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ୨୦୨୪ ମସିହା ମେ ୫ ତାରିଖରେ ଗାଁକୁ ଏକ ନିର୍ବାଚନ ପ୍ରଚାର ସଭାରେ ଯୋଗ ଦେବାପାଇଁ ଆସୁଥିବା ଖବର ପାଇ ଗରା ବାଲଟି ଧରି ଗାଁ ମୁଣ୍ଡରେ ରାସ୍ତା ଅବରୋଧ କରିବାରୁ ସଭା ବାତିଲ ହୋଇଥିଲା। ଆଗାମୀ ଦିନରେ ଦିନକୁ ୨ ବେଳା ଟ୍ୟାଙ୍କର ଯୋଗେ ପାଣି ଯୋଗେଇ ଦିଆନଯାଏ ତେବେ ମହିଳାମାନେ ଗରା ବାଲ୍‌ଟି ଧରି ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପାଣି ପିଇବାକୁ ଡରିଲେଣି ଗ୍ରାମବାସୀ

## ପାଣିରେ ମାତ୍ରାଧିକ ଫ୍ଲୋରାଇଡ୍, ଆଇରନ୍: ନୟାଗଡ଼ରେ ବଢୁଛନ୍ତି କିଡ୍‌ନି ରୋଗୀ



ନୟାଗଡ଼,୧୦/୪: ପିଇବା ପାଣିକୁ ନେଇ ଏବେ ନୟାଗଡ଼ ଜିଲ୍ଲାରେ ସାଂଘାତିକ ସ୍ଥିତି। କେଉଁଠି ଆଦୌ ପାଣି ଟୋପେ ମିଳୁନି ତ ଆଉ କେଉଁଠି ଫ୍ଲୋରାଇଡ୍ ଓ ଆଇରନ୍ ମିଶା ପାଣି ପିଇବା ଯୋଗୁ ଲୋକମାନେ କିଡ୍‌ନି ରୋଗ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଧୀରେ ଧୀରେ ଏହି ସମସ୍ୟା ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ବ୍ୟାପିଲାଣି। ବିଶେଷ କରି ଦଶପଲ୍ଲା, ଗଣିଆ, ରଣପୁର ଓ ଭାପୁର ବ୍ଲକ୍ ଅଧିକ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ପରିସ୍ଥିତି ଏପରି ହେଲାଣି ଯେ, ଲୋକମାନେ ଏବେ ନଳକୂପ କିମ୍ବା କୂଅ ପାଣି ବ୍ୟବହାର କରିବା ପାଇଁ ଭୟ କଲେଣି। ମିଳିଥିବା ସୂଚନା ମୁତାବକ, ଭାପୁର ବ୍ଲକ୍‌ର ବିଟିପୁର, ଫତେଗଡ଼, ରାକମା, ଭାପୁର, କଇଁଥପୋଖରୀ, ପୋଡ଼ାସାହି, ତଳମାଳା, ମାଧପୁର, ପଥରଚକଡ଼ା, ଧାନଚାଙ୍ଗଡ଼ା ଭଳି ଏକାଧିକ ଗାଁର ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ପାଣିରେ ବହୁଳ ମାତ୍ରାରେ ଫ୍ଲୋରାଇଡ୍ ଓ ଆଇରନ୍ ଆସିବା ଯୋଗୁ ଲୋକମାନଙ୍କ ଦାନ୍ତ ଖରାପ ହେବା ସହ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଧାନଚାଙ୍ଗଡ଼ା ଗାଁରେ କିଛି ବର୍ଷ ହେବ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ୩୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଏବେ ବି ଏହି ଗାଁରେ ୧୬ ଜଣ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ନଛିପୁର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ଦିନକୁ ଦିନ କିଡ୍‌ନି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ପ୍ରାୟ ୩ ବର୍ଷ ଭିତରେ ଦୁଇ ଜଣ କିଡ୍‌ନି ଆକ୍ରାନ୍ତ ଆଖି ବୁଜିଥିବା ବେଳେ ଏବେ ବି ଗାଁରେ ୬ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ରଣପୁର ବ୍ଲକ୍‌ର ବାଉଁଶଗଡ଼ ପଞ୍ଚାୟତର ନୂଆସାହି ଗାଁ, ତାଳକଣି ପଞ୍ଚାୟତର ନରସିଂହପୁର ଓ ଏନ୍‌ଏସି ୱାର୍ଡ-୧୫ର ମାଥାପଦର ଅଞ୍ଚଳରେ ଏମିତି ଅଭିଯୋଗ ଆସୁଛି। ଗଣିଆ ବ୍ଲକ୍‌ରେ ଦିନକୁ ଦିନ କିଡ୍‌ନି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦଶିପୁର, ଡଙ୍କାରିସାହି, ଛାମୁଣ୍ଡିଆ, ରାଇଗାଡ଼ିଆ, ରାଜିଙ୍ଗି ଓ ଧୋବାବୋରୋଇ ଆଦି ଗାଁରେ କିଡ୍‌ନି ରୋଗକୁ ନେଇ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ଖେଳିଯାଇଛି। ବର୍ଷକରେ ଏହି ଗାଁଗୁଡ଼ିକରୁ କିଡ୍‌ନି ରୋଗରେ ୯ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ନେଇ କିଛି ବି ସ୍ଥାୟୀ ବ୍ୟବସ୍ଥା କରାଯାଉ ନାହିଁ। ଏ ନେଇ ଆରଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ସୁବାସ ସ୍ୱାଇଁ କହିଛନ୍ତି ଯେ ଯେଉଁ ଅଞ୍ଚଳରୁ ଏମିତି ଅଭିଯୋଗ ଆସେ ସେଠାରୁ ପାଣି ନମୁନା ସଂଗ୍ରହ କରାଯାଇ ନୟାଗଡ଼ ଓ ଦଶପଲ୍ଲା ପରୀକ୍ଷାଗାରକୁ ପଠାଯାଏ। ପରୀକ୍ଷାରୁ ଯଦି ପାଣିରେ ଫ୍ଲୋରାଇଡ୍ କିମ୍ବା ଆଇରନ୍ ଥିବା ଜଣାପଡ଼େ, ଏହାକୁ ବ୍ୟବହାର କରିବା ପାଇଁ ସଂପୃକ୍ତ ଅଞ୍ଚଳବାସୀଙ୍କୁ ମନା କରାଯାଉଛି। ଏମିତି ସମସ୍ୟା ଜିଲ୍ଲାର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖିବାକୁ ମିଳୁଛି। ଏଣୁ ସେମାନଙ୍କୁ କିପରି ସୁବିଧାରେ ପିଇବା ପାଣି ଯୋଗାଇ ଦିଆଯିବ ସେ ନେଇ ପଦକ୍ଷେପ ନିଆଯିବ।

## ଭାରତୀୟ ଜନତା ପାର୍ଟି ତେର ନଂ ଜୋନର ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ



କେନ୍ଦ୍ରାପଡ଼ା (୧୦/୪) ଭାରତୀୟ ଜନତା ପାର୍ଟି, ଛୋଟି ମଣ୍ଡଳ (୧୩ ନଂ ଜୋନ୍)ରେ, କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡ଼ା ର ମାଆ ପାଟ ସମୁଳାଇ ଠାକୁରାଣୀଙ୍କ ପୀଠରେ, ମଣ୍ଡଳ ଉପ-ସଭାପତି ତୁଷାର ଘୋଷଙ୍କ ପୌରହିତ୍ୟରେ, ସାଧାରଣ ସମ୍ପାଦକ ଖଗେଶ୍ୱର ସେଠିଙ୍କ ପରିଚାଳନାରେ,ଏକ ମଣ୍ଡଳ ସ୍ତରୀୟ ବୈଠକ ହୋଇଥିଲା । ଏହି ବୈଠକରେ ପାଟକୁରା ନେତା, ଭାରତୀୟ ଜନତା ପାର୍ଟିର ରାଜ୍ୟ ପ୍ରବକ୍ତା ଶ୍ରୀ ତେଜେଶ୍ୱର ପରିଡା, ଏବଂ ମଣ୍ଡଳ ସଭାପତି ଶ୍ରୀ ବିଜୟ କୁମାର ଜେନା ଅତିଥି ଭାବରେ ଯୋଗ ଦେବା ସହିତ, ମଣ୍ଡଳ କମିଟି ଓ ବିଭିନ୍ନ ପଞ୍ଚାୟତ ର ପ୍ରମୁଖ ମାନେ, ସଞ୍ଜୟ ଦାସ, ପଦ୍ମନାଭ ଦାସ, ଭଗବାନ ପରିଡା, କୃଷ୍ଣଚନ୍ଦ୍ର ବେହେରା, ଅଭିମନ୍ୟୁ ଦାଶ, ଭିକାରି ଚରଣ ଗିରି,ପ୍ରେମ ମହାନ୍ତି, କିଶୋର ଦାସ, ରାମଚନ୍ଦ୍ର ମଳିକ,ଦାମୋଦର ମଳିକ, ଅମର ମହାନ୍ତି, ତଥା ସମସ୍ତ ବୁଥ୍ ସଭାପତି ଓ ବହୁ ବିଜେପି କର୍ମକର୍ତ୍ତା ମିଶି ପ୍ରାୟ ୪୦୦ ଜଣ ବୈଠକରେ ସାମିଲ ହୋଇଥିଲେ । ବୈଠକ ଶେଷରେ ଶ୍ରୀ ତେଜେଶ୍ୱର ପରିଡା ଛୋଟି ମଣ୍ଡଳର ବିଭିନ୍ନ ସମସ୍ୟା ବୁଝି ସେସବୁର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ ।

## ଗଞ୍ଜାମରେ ଭୂତଳ ଜଳ ନିମ୍ନଗାମୀ

### ୫ ବର୍ଷରେ ଖସିଲାଣି ୧ ମିଟର

ବ୍ରହ୍ମପୁର,୧୦/୪: ଗଞ୍ଜାମ ଜିଲ୍ଲା ଶୁଷ୍କ ପାଲଟୁଛି। ଜିଲ୍ଲାରେ ଗତ ୫ବର୍ଷ ଭିତରେ ଭୂତଳ ଜଳସ୍ତର ଲଗାତାର ହ୍ରାସ ପାଇ ପ୍ରାୟ ୧ ମିଟର ତଳକୁ ଖସି ସାରିଲାଣି। ନିଅଣ୍ଟିଆ ବର୍ଷା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଏହାର ପ୍ରଭାବରେ ନଦୀ, ପୋଖରୀ, କୂଅ ଶୁଖିଗଲାଣି। ଜଳବାୟୁରେ ପରିବର୍ତ୍ତନ ସ୍ୱଳ୍ପ ବର୍ଷାର କାରଣ। ସେପଟେ ବିକାଶ ନାଁରେ ସୃଷ୍ଟି ହେଉଥିବା କଂକ୍ରିଟ୍ ଜଙ୍ଗଲ ଆଉ ଏକ ସମସ୍ୟା। ଏବେ ଗାଁରୁ ସହର ପେଭର ବ୍ଲକ୍ ଓ ଅଧିକାଂଶ ସ୍ଥାନରେ କଂକ୍ରିଟ୍ ରାସ୍ତା କରାଯାଉଛି। ଫଳରେ ବର୍ଷା ପାଣି ମାଟି ଭିତରକୁ ନ ଯାଇ ଡ୍ରେନ୍ ଓ ବିଭିନ୍ନ ନାଳରେ ପଡ଼ି ସମୁଦ୍ରକୁ ବହିଯାଉଛି। ଭୂତଳ ଜଳସ୍ତର ହ୍ରାସ ପାଇବା ପଛରେ ଏହା ଏକ ପ୍ରମୁଖ କାରଣ। ଡାଇନାମିକ୍ ଗ୍ରାଉଣ୍ଡ୍ ୱାଟର ରିସୋର୍ସ ଅଫ୍ ଓଡ଼ିଶା-୨୦୨୪ର ତଥ୍ୟ ଅନୁସାରେ ଗତ ୨୦୨୪ରେ ଗଞ୍ଜାମ ଜିଲ୍ଲାରେ ମୌସୁମୀ ପୂର୍ବରୁ ଭୂପୃଷ୍ଠରୁ ୪.୭୫ ମିଟର ତଳେ ଜଳସ୍ତର ରହିଥିଲା। କିନ୍ତୁ ବର୍ଷା ପରେ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। କିଛିଦିନ ପାଇଁ ୩.୪୬ ମିଟର ତଳେ ଜଳୀୟ ଅଂଶ ରହିଥିଲା। ଏବେ ଚଳିତ ବର୍ଷ ଆରମ୍ଭରୁ ହିଁ ପୁଣିଥରେ ଜଳସ୍ତର ଖସିଥିବା ନେଇ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଗତବର୍ଷ ବର୍ଷା ପୂର୍ବରୁ ସୋରଡ଼ା ବ୍ଲକ୍‌ରେ ସର୍ବାଧିକ ୬.୩୭ ମିଟର ତଳେ ଜଳସ୍ତର ରହିଥିବା ବେଳେ ଛତ୍ରପୁର ବ୍ଲକ୍‌ରେ ୬ ମିଟର ତଳେ ଜଳୀୟ ଅଂଶ ରହିଥିଲା। ସେହିପରି ଚିକିଟିରେ ୫.୫୭ ମିଟର, ରଂଗେଇଲୁଣ୍ଡା ବ୍ଲକ୍‌ରେ ୫.୩୨ ମିଟର ଓ ପାତ୍ରପୁର ବ୍ଲକ୍‌ରେ ୫.୧୯ ମିଟର ତଳେ ଜଳସ୍ତର ରହିଥିବା ରେକର୍ଡ କରାଯାଇଛି। ଭୂତଳ ଜଳସ୍ତର ଖସୁଥିବାରୁ ପାନୀୟଜଳ ସମସ୍ୟା ଦେଖାଦେଇଛି। ଗଞ୍ଜାମ ଜିଲ୍ଲାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ସମେତ ଅନ୍ୟ ନଦୀଗୁଡ଼ିକର ଜଳସ୍ରୋତ ମଧ୍ୟ ଶୁଖିଲା। ଘୋଡ଼ାହାଡ଼, ବାହୁଦା, ବାଘୁଆ, ବଡ଼ନଦୀରେ ପାଣି ନାହିଁ। ସେହିପରି ଜଳଭଣ୍ଡାରଗୁଡ଼ିକ ମଧ୍ୟ ଖାଲି। ଗତ ୪୦ ବର୍ଷ ତଳେ ମାତ୍ର ୩୦ ଫୁଟ ଖୋଳିଲେ ପାଣି ଆସୁଥିଲା। ଏବେ ୨୦୦ ଫୁଟ ଖୋଳିଲେ ମଧ୍ୟ ପାଣି ମିଳୁନି ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି। ଏଥିପାଇଁ ଜିଲ୍ଲାରେ ବହୁ ଗଭୀର ଉଠାସେଚ ପ୍ରକଳ୍ପରୁ ପାଣି ମିଳୁନାହିଁ ବୋଲି ସେ କହିଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଆଗକୁ ସଙ୍ଗିନ ପରିସ୍ଥିତିର ସାମନା କରିବାକୁ ପଡ଼ିବ ବୋଲି ପରିବେଶବିତ ମହଲରେ ଆଶଙ୍କା ପ୍ରକାଶ ପାଇଛି।

# ଶୁଷ୍କ ହେଉଛି ରାଜଧାନୀ; ପାଣି ଟାଣୁଛି ଅଟ୍ଟାଳିକା



ଭୁବନେଶ୍ୱର,୧୦/୪: ରାଜ୍ୟରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ଏଥିପାଇଁ ଲୋକଙ୍କ ଭିତରେ ଜନ ସଚେତନତା ଆଦୌ ନାହିଁ। ସରକାର ବି ସବୁ ଜାଣି ଚୁପ୍ ବସି ଯାଇଛନ୍ତି। ଜଳ ବ୍ୟବହାର ନେଇ କଟକଣା ନାହିଁ କି ରୋକିବା ଦିଗରେ ପଦକ୍ଷେପ ନେଉନାହାନ୍ତି। ଏହା ଆଗାମୀ ୧୦ରୁ ୧୫ବର୍ଷ ଭିତରେ ସଙ୍କଟଜନକସ୍ଥିତି ସୃଷ୍ଟି କରିବ। ରାଜଧାନୀ ଭୁବନେଶ୍ୱର ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେବ। ଭୂତଳ ଜଳସ୍ତର ଅହେତୁକଭାବେ ହ୍ରାସ ପାଉଥିବାରୁ ଭୁବନେଶ୍ୱର ଏବେ ସେମି-କ୍ରିଟିକାଲ ଜୋନ୍‌ରେ ଅଛି। ଜଳର ଅପଚୟ ଏଭଳି ଲାଗି ରହିଲେ, ଖୁବ୍‌ଶୀଘ୍ର ଏହା କ୍ରିଟିକାଲ୍ ଜୋନ୍‌ରେ ପରିଣତ ହେବ ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କଲେଣି। ରାଜଧାନୀରେ ମାଳମାଳ ନଭଶ୍ଚୁମ୍ବୀ ଆପର୍ଟମେଣ୍ଟ୍ ଓ ଉପକଣ୍ଠରେ ଗଢ଼ି ଉଠୁଥିବା ନୂଆ ନୂଆ ଘର ମନଇଛା ଜଳ ଶୋଷିବାରେ ଲାଗିଛନ୍ତି। ଏ ନେଇ ନିର୍ଦ୍ଦିଷ୍ଟ ନିୟମ ରହିଥିଲେ ମଧ୍ୟ କେହି ତାହାକୁ ମାନୁନାହାନ୍ତି। ଆଉ ନିୟମ ମାନୁ ନ ଥିବା ସଂସ୍ଥା ବିରୋଧରେ ଜରିମାନା କି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସୂଚନାନୁସାରେ, ଲକ୍ଷ୍ମୀସାଗର ଅଞ୍ଚଳରେ ଜଳସ୍ତର ୫ ବର୍ଷ ପୂର୍ବେ ୫.୧୩ ମିଟର ଜଳସ୍ତର ରହିଥିବାବେଳେ ଏବେ ଏହା ଖସି ୪.୦୭ ମିଟର ରହିଛି। ସେହିଭଳି ନୂଆପଲ୍ଲୀ ଅଞ୍ଚଳରେ ୫.୪୧ ମିଟର ଥିବାବେଳେ ଏବେ ୪.୯୪ ମିଟର ରହିଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୂର୍ବରୁ ଜଳସ୍ତର ଭଲସ୍ଥିତିରେ ଥିଲା। ଅର୍ଥାତ୍ ୬.୯୦ ମିଟର ଥିବାବେଳେ ଏବେ ହ୍ରାସ ପାଇ ୪.୧୫ ମିଟରକୁ ଖସି ଆସିଛି। ଖଣ୍ଡଗିରି ଅଞ୍ଚଳରେ ଗୁରୁତର ଭାବେ ପାଖାପାଖି ୩ ମିଟର ହ୍ରାସ ପାଇଛି। ଏହାଠାରୁ ଉଦ୍‌ବେଗଜନକ ସ୍ଥାନ ହେଉଛି ସାମନ୍ତରାପୁର। ଏଠି ଜଳସ୍ତର ପ୍ରତିବର୍ଷ ଭୟଙ୍କର ଭାବେ ଖସିବାରେ ଲାଗିଛି। ଏଥିସହ ପୁରୁଣା ଭୁବନେଶ୍ୱର, ରାଜଧାନୀର ୟୁନିଟ୍ ଏରିଆ ଓ ସୁନ୍ଦରପଦା ଅଞ୍ଚଳରେ ଜଳସ୍ତର କିଛି ବର୍ଷ ଧରି ସ୍ଥିର ରହିଥିବାବେଳେ ଗତ ଦୁଇ ବର୍ଷ ହେଲା ହ୍ରାସ ପାଇବାରେ ଲାଗିଛି। ଏବେ ବି ଏହା ନିୟନ୍ତ୍ରଣାଧୀନ ସ୍ଥିତିରେ ଥିବାବେଳେ ଆଗାମୀ ଦିନରେ ହ୍ରାସ ପାଇବାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଲ୍ଡରମାନେ ବେଆଇନ ଭାବେ ଭୂତଳ ଜଳ ବ୍ୟବହାର କରିବାରୁ ଭୂତଳ ଜଳସ୍ତର ଉଦବେଗଜନକ ଭାବେ ହ୍ରାସ ପାଉଛି। ଏଥିପାଇଁ କୋଠା ନିର୍ମାଣ ପାଇଁ ସ୍ୱୀକୃତି ଦେଉଥିବା ବିଏମ୍‌ସି, ବିଡିଏ, ସିଏମ୍‌ସି ପ୍ରଭୃତି ସ୍ୱୀକୃତି ଦେବା ପୂର୍ବରୁ ଭୂତଳ ଜଳ ବ୍ୟବହାର ପାଇଁ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ଠାରୁ ସ୍ୱୀକୃତି ନେବା ବାଧ୍ୟତାମୂଳକ କରିବେ। ଏ ବାବଦରେ ରେରା ମଧ୍ୟ ଆଦେଶନାମା ଜାରି କରିଛି। ଏହା ପରେ କିଛି ହାତଗଣତି ବିଲ୍ଡର ଅନୁମତି ନେଉଛନ୍ତି। କିନ୍ତୁ ଅଧିକାଂଶ ବିଲ୍ଡର ଏହାକୁ ମାନୁନାହାନ୍ତି। ମନଇଚ୍ଛା ଖୋଳି ପାଣି ବ୍ୟବହାର କରୁଛନ୍ତି। ଯାହା ଭୂତଳ ଜଳକୁ ପ୍ରଭାବିତ କରୁଛି। ଗୃହ ନିର୍ମାଣ ସମୟରେ ବର୍ଷା ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବିଡିଏ ଲେ-ଆଉଟ୍ ପ୍ଲାନ୍‌ରେ ରହୁଛି। ହେଲେ ଏହାକୁ ପରବର୍ତ୍ତୀ ସମୟରେ କେହି ପାଳନ କରୁନାହାନ୍ତି। ଗୃହ ନିର୍ମାଣ ପୂର୍ବରୁ ବିଜୁଳି ଓ ପାଣି ସଂଯୋଗ ମିଳିଯାଉଥିବାରୁ ଅକୁପାନ୍ସି ସାର୍ଟିଫିକେଟ୍‌ର ମଧ୍ୟ ଆବଶ୍ୟକତା ପଡୁନି। ତେଣୁ ଲୋକେ ମାନୁନଥିବା ଅଭିଯୋଗ ହେଉଛି। ପରିବେଶବିତ୍ ବିଜୟ କୁମାର ମହାପାତ୍ର କହିଛନ୍ତି, ରାଜଧାନୀରେ କୋଠା ନିର୍ମାଣ ପାଇଁ ହଜାର ହଜାର ଲିଟର ପାଣିର ବ୍ୟବହାର ହେଉଛି। ମାତ୍ର ଅନ୍ୟ ଦେଶ ଗୁଡ଼ିକରେ ପାଣିର ପରିବର୍ତ୍ତେ କେମିକାଲ ବ୍ୟବହାର କରୁଛନ୍ତି। ଆମର ଏଠି ପାଣି ସହଜରେ ମିଳିଯାଉଛି, ତେଣୁ ବିଲ୍ଡର ଓ ଗୃହ ନିର୍ମାତାମାନେ ସେ ଦିଗରେ ଦୃଷ୍ଟି ଦେଉନାହାନ୍ତି। ମାତ୍ର ଏବେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଯେତିକି ରିଚାର୍ଜ ହେଉଛି, ତା'ଠାରୁ ବହୁ ପରିମାଣରେ ଉତ୍ତୋଳନ ହେଉଛି। ତେଣୁ ପାଣିର ବ୍ୟବହାର କମ କରିବା ଦିଗରେ ଆଇନ ଆସିବା ଦରକାର। ସେହିଭଳି ମନଇଚ୍ଛା ପାଣି ବ୍ୟବହାର ଉପରେ ମଧ୍ୟ ରୋକିବା ଆବଶ୍ୟକ। ପରିବାରରେ ଯେତିକି ଜଣ ସଦସ୍ୟ ସେହି ଅନୁସାରେ ପରିବାର ପାଣି ବ୍ୟବହାର ନେଇ କଟକଣା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ନଚେତ ଆଗାମୀ ଦିନରେ ପାଣି ପାଇଁ ହା'ହା' କରି ସ୍ଥିତିକୁ କେହି ଏଡ଼ାଇ ପାରିବେନି ବୋଲି ସେ ଚେତାବନୀ ଦେଇଛନ୍ତି।

# ହାଇକୋର୍ଟରେ ଜାଲ୍ ଶିକ୍ଷକ ମାମଲା: ୪୨୪ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି

କଟକ,୧୦/୪: ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ୪୨୪ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ବୋଲି ହାଇକୋର୍ଟରେ ସତ୍ୟପାଠ ଦେଇଛନ୍ତି ରାଜ୍ୟ ସରକାର। ଅନ୍ୟପକ୍ଷରେ ୬ଟି ଜିଲ୍ଲାରେ ଏହି ଏହି ପ୍ରସଙ୍ଗକୁ ନେଇ ତଦନ୍ତ ଚାଲିଛି ବୋଲି ପୂର୍ବରୁ ସରକାର ଦର୍ଶାଇଥିବା ବେଳେ ସାନି ସ୍ଥିତି ନେଇ ୨୦୨୫ ମାର୍ଚ୍ଚ ୬ରେ ହାଇକୋର୍ଟ ମାଗିଥିବା ଜବାବ ସଂପର୍କରେ ସରକାର କୌଣସି ତଥ୍ୟ ଦେଇ ପାରି ନାହାନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ବରଗଡ଼, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲା ସଂପର୍କିତ ଷ୍ଟାଟସ୍ ରିପୋର୍ଟ ନିଶ୍ଚିତ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ୬ଟି ଜିଲ୍ଲାରେ ଚାଲିଥିବା ତଦନ୍ତରୁ କଣ ଫଳାଫଳ ମିଳିଛି ଏବଂ ଏବେ ସାନି ସ୍ଥିତି କଣ ରହିଛି ସେ ନେଇ ଅବଗତ କରିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସଂଜୟ କୁମାର ମହାରଣାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେ ୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆଜି ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଗତ ମାର୍ଚ୍ଚ ୬ରେ ଦାଖଲ ସତ୍ୟପାଠରେ ରହିଥିବା ତଥ୍ୟ ଉପରେ ଆମିକସ୍ କ୍ୟୁରି ପକ୍ଷ ରଖିଥିଲେ। ଜାଲ୍ ଶିକ୍ଷକ ସଂପର୍କିତ ତିନୋଟି ଜିଲ୍ଲାର ଷ୍ଟାଟସ୍ ରିପୋର୍ଟ ଉପଲବ୍ଧ ନଥିବା ଆମିକସ୍ କ୍ୟୁରି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବାବଦରେ ଆସୁଥିବା ସରକାରୀ ଅର୍ଥ ହଡ଼ପ ନେଇ ଅଭିଯୋଗ ବା ରିପୋର୍ଟ ନାହିଁ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ମାମଲାର ବିବରଣୀରୁ ପ୍ରକାଶ ଯେ ଆନ୍ଧ୍ରପ୍ରଦେଶ, ଜମ୍ମୁ କାଶ୍ମୀର, ରାଜସ୍ଥାନ ଓ ଅନ୍ୟ କେତେକ ରାଜ୍ୟରୁ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଆଣି ଓଡ଼ିଶାରେ କେତେକ ଶିକ୍ଷକ ଚାକିରି କରୁଥିବା ଅଭିଯୋଗ ଆଣି ଏହି ମାମଲା ରୁଜୁ ହୋଇଥିଲା। ଏଥି ସହିତ ଜାଲ୍ ସ୍କୁଲ ଓ ଜାଲ୍ ଛାତ୍ରଛାତ୍ରୀଙ୍କ ସଂପର୍କରେ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ଘଟଣାର ଉପଯୁକ୍ତ ତଦନ୍ତ ହେବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମାମଲାରେ ନିବେଦନ କରାଯାଇଛି। ମାମଲାରେ ଆମିକସ୍ କ୍ୟୁରି ଭାବେ ଆଇନଜୀବୀ ସୁଦର୍ଶନ ନନ୍ଦଙ୍କୁ ହାଇକୋର୍ଟ ନିଯୁକ୍ତି ଦେଇଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ